୬ ସାନିଆଙ୍କ ସହ ଛାଡପତ୍ର ଚର୍ଚ୍ଚାରେ ଶୋଏବ କଲେ ତୃତୀୟ ବିବାହ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୨ ● ୨୧ ଜାନୁଆରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -30 ● Issue-352 ● 21th January 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24


## ୫ଟି ସ୍କୁଲ ରୂପାନ୍ତରଣ

# ଚତୁର୍ଥ ପର୍ଯ୍ୟାୟର ତୃତୀୟ ଦିନରେ ୩୬୧ ରୂପାନ୍ତରିତ ଉଚ୍ଚବିଦ୍ୟାଳୟ ଲୋକାର୍ପିତ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

୫-ଟି ସ୍କୁଲ ରୂପାନ୍ତରଣର ଚତୁର୍ଥ ପର୍ଯ୍ୟାୟରେ ତୃତୀୟ ଦିନରେ ଶନିବାର ୫ଟି ଜିଲ୍ଲାରେ ୩୬୧ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୁରଭଞ୍ଜ ଜିଲ୍ଲାର ୧୦୫ ହାଇସ୍କୁଲ, ବଲାଙ୍ଗୀର ଜିଲ୍ଲାର ୧୦୦, ସମ୍ବଲପୁର ଜିଲ୍ଲାର ୬୩, ରାୟଗଡ଼ା ଜିଲ୍ଲାର ୬୦ ଓ ନୂଆପଡ଼ା ଜିଲ୍ଲାର ୩୩ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କରିଛନ୍ତି।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୫-ଟି ସ୍କୁଲ ରୂପାନ୍ତରଣର ଚତୁର୍ଥ ପର୍ଯ୍ୟାୟରେ ପ୍ରଥମେ ୫ଟି ଜିଲ୍ଲାର ୩୮୯ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କରିଥିଲେ। ଏହାପରେ ୬ଟି ଜିଲ୍ଲାର ୩୨୭ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୬୯୪ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲ ଗୁଡିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ରୂପାନ୍ତରିତ ସ୍କୁଲର ସଠିକ ଉପଯୋଗ କରି ଭଲ ପାଠ ପଢି ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏବେ ଓଡିଶାରେ ରୂପାନ୍ତରର ଯୁଗ ଚାଲିଛି । ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ସେ କହିଥିଲେ। ସ୍କୁଲ କଲେଜ ଠାରୁ ଆରମ୍ଭ କରି (ପୃଷ୍ଠା ୭ରେ)




# ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## ଖର୍ଚ୍ଚ ହେବ ୪,୬୦୦ କୋଟି ଟଙ୍କା

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ୧୩ଟି ଜିଲ୍ଲାରେ ୧୯ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ସିଷ୍ଟମ)ପାଇଁ ଭିତ୍ତି ସ୍ଥାପନ କରିଛନ୍ତି । ଏଥିପାଇଁ ୪,୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମାନଙ୍କର ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । କେନ୍ଦ୍ରାପଡାରେ ୧୫ ହଜାରରୁ ଅଧିକ ଚାଷୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୦ ହଜାର ଥିଲେ ମହିଳା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଏହି ପ୍ରକଳ୍ପ ଦ୍ୱାରା ଚାଷୀ ଭାଇଭଉଣୀମାନେ ବହୁଳ ଭାବେ ଉପକୃତ ହେବେ। ବିଶେଷ କରି ପିଇବା ପାଣି ଯୋଗାଣ କ୍ଷେତ୍ରରେ ସୁବିଧା ହେବ। ଏହା ସହିତ ମାଛ ଚାଷ, ପଶୁପାଳନ ଆଦିରେ ମଧ୍ୟ ସହାୟକ ହେବ। ଏହି ପ୍ରକଳ୍ପ ସବୁ ଭୂତଳ ଜଳ ସ୍ତର ବୃଦ୍ଧି କରି ପରିବେଶକୁ ସନ୍ତୁଳିତ କରିବ। ଆମର ନିରନ୍ତର ବିକାଶ ପାଇଁ ଏପରି ପ୍ରକଳ୍ପ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ବନ୍ୟା ନିୟନ୍ତ୍ରଣରେ ମଧ୍ୟ ଏହି ପ୍ରକଳ୍ପଗୁଡିକ ସହାୟକ ହେବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୦ରେ ଅନ୍ତଃ ନଦୀ ଜଳାଶୟ ପାଇଁ ୧୧ ହଜାର ୭୦୦ କୋଟି ଟଙ୍କାରେ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ୭୨ଟି ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।




ଶନିବାର ୧୩ଟି ଜିଲ୍ଲା- ବରଗଡ, ବଲାଙ୍ଗୀର, ବୌଦ୍ଧ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାରେ ୧୯ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ରଖାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆମର ସବୁ କାର୍ଯ୍ୟକ୍ରମ ଲୋକମତ ଓ ଜନ ସହଭାଗିତା ଭିତ୍ତିରେ କରାଯାଉଛି। ତାଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ ବିଭିନ୍ନ ଜିଲ୍ଲାକୁ ଗସ୍ତ କରିବା ସମୟରେ ଲୋକଙ୍କ ଠାରୁ ଏପରି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଥିଲା । ଲୋକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।

ସେ ପୁଣି କହିଥିଲେ ଯେ ୫-ଟି ଉପକ୍ରମରେ ଏହି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି ପ୍ରକଳ୍ପଗୁଡିକର ନିର୍ମାଣ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବେ ନାହିଁ।

ରାଜ୍ୟରେ ଚାଷୀମାନଙ୍କର କଲ୍ୟାଣାର୍ଥେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ଚାଷୀର ବିକାଶ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଆମର କାଳିଆ ଯୋଜନା, କୃଷକମାନଙ୍କ ପାଇଁ ବିନା ସୁଧରେ ଋଣ ସୁବିଧା, ଶସ୍ୟ ବୀମା ପ୍ରିମିୟମ ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ରାଜ୍ୟରେ ଚାଷୀମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ। ସେମାନଙ୍କ ଉନ୍ନତି ପାଇଁ ଆମେ କାମ କରୁଛୁ ଓ ଆଗାମୀ ଦିନରେ କାମ କରି ଚାଲିବୁ ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ବଲାଙ୍ଗୀରରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ, ଚାଷୀମାନଙ୍କର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ସଂକଳ୍ପ ରହିଛି। ଖରାଦିନେ (ପୃଷ୍ଠା ୭ରେ)

## ଜାନୁଆରୀ ଶେଷ ପର୍ଯ୍ୟନ୍ତ ହାଡଭଙ୍ଗା ଜାଡ। ଶୀତ ଲହରୀରୁ ମିଳିବ ନାହିଁ ଆଶ୍ୱସ୍ତି!



ନୂଆଦିଲ୍ଲୀ, ୨୦।୧

କମୁନି ଥଣ୍ଡାର ପ୍ରକୋପ। ପଞ୍ଜାବ ଠାରୁ ଦିଲ୍ଲୀ ଏନସିଆର ଓ ପୂର୍ବ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ, ଏହାସହ ପୂର୍ବ ଭାରତରେ ଭୀଷଣ ଥଣ୍ଡା ସହ ଘନ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ଜାନୁଆରୀ ୨୩ ପର୍ଯ୍ୟନ୍ତ ଥଣ୍ଡା ସହ ଘନ କୁହୁଡି ପାଇଁ ରେଡ ଓ (ପୃଷ୍ଠା ୭ରେ)

## ମାଲକାନଗିରି ସୀମାନ୍ତରେ ଏନକାଉଣ୍ଟର, ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ନକ୍ସଲ ନିହତ

ମାଲକାନଗିରି, ୨୦।୧

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଛତିଶଗଡ ସୀମାନ୍ତ ବିଜାପୁର ଜିଲ୍ଲାରେ ଏନକାଉଣ୍ଟର। ସୁରକ୍ଷା କର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିବାର ସୂଚନା ମିଳିଛି। ପୋଲିସ ଗୁଳିରେ ତିନି ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ମାଓବାଦୀ ରହିଥିବା ଜଣାପଡିଛି। ଘଟଣାସ୍ଥଳରୁ ତିନୋଟି ବନ୍ଧୁକ ସହ ବହୁମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ବାସାଗୁଡା ଥାନା ଅନ୍ତର୍ଗତ ବେଲମଗୁଟା ଜଙ୍ଗଲରେ ମାଓ ନେତା ବିନୋଦ, ରାଜୁ ଓ ବିଶ୍ୱନାଥଙ୍କ ସହ ପ୍ରାୟ ୨୫ ଜଣ ମାଓବାଦୀ ଲୁଚି ରହିଥିବା ନେଇ ପୋଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା, ଯାହାକୁ ଆଧାର କରି ଡିଆରଜି ଓ (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତି ସମୀକ୍ଷା କଲେ ୫-'ଟି' ଅଧ୍ୟକ୍ଷ

# ପ୍ରତିବର୍ଷ ମାତୃଭାଷା ଦିବସ ସହ ଓଡ଼ିଆ ଭାଷା ସପ୍ତାହ ପାଳନ କରାଯିବ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ତୃତୀୟ ଐତିହ୍ୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ୨୦୨୪ ଫେବୃଆରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଜନତା ମଇଦାନ (ଭୁବନେଶ୍ୱର)ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ ।



ସମ୍ମିଳନୀ ଉପଲକ୍ଷେ ପ୍ରସ୍ତୁତ କରାଯାଉଥିବା 'ଅକ୍ଷର ଭୂମି'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ମିଳନୀର ପ୍ରଥମ ଦିନରେ ଲୋକାର୍ପଣ କରାଯିବ ।

ଏହି ସମ୍ମିଳନୀ ଅବସରରେ ସମସ୍ତ ବିଦ୍ୟାଳୟ/ଉଚ୍ଚ ବିଦ୍ୟାଳୟ/ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ (ପୃଷ୍ଠା ୭ରେ)

# ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ, ପ୍ରତି ମାସରେ ହେବ ଡାକ୍ତର ପଦବୀ ପାଇଁ ସାକ୍ଷାତକାର

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ସରକାରୀ ମେଡିକାଲ କଲେଜରେ ଡାକ୍ତର ଅଭାବ ଦୂର ପାଇଁ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ଏଣିକି ପ୍ରତି ମାସରେ ସାକ୍ଷାତକାର ଆୟୋଜନ କରାଯାଇ ଜୁନିଅର ରେସିଡେଣ୍ଟ, ସିନିୟର ରେସିଡେଣ୍ଟ, ଟ୍ୟୁଟର୍, ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯିବ। ଉଭୟ ରାଜ୍ୟ ଓ ଅନୁଷ୍ଠାନ ସ୍ତରରେ ମାସିକିଆ ସାକ୍ଷାତକାର ଅବା ୱାକ୍ ଇନ ଇଣ୍ଟରଭ୍ୟୁ/କାଉନସେଲିଂ ଆୟୋଜନ କରାଯିବ । ସେମାନଙ୍କୁ ଚୁକ୍ତି କିମ୍ବା



ଡେପୁଟେସନ ଭିତ୍ତିରେ ନିଯୁକ୍ତ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁସାରେ, ପ୍ରତି ମାସରେ ସାକ୍ଷାତକାର ପାଇଁ ୧୨ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ଦିବସରେ ରାଜ୍ୟର ସମସ୍ତ ମେଡିକାଲ କଲେଜ ସମେତ ପିଜିଆଇଏମ୍‌ଇଆର କ୍ୟାପିଟାଲ ହସ୍ପିଟାଲ, ଏସସିବି ଡେଣ୍ଟାଲ କଲେଜରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରାଯିବ। ସେହିପରି ଖାଲି ଥିବା ବିଭିନ୍ନ ପଦବୀରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଡିଏମ୍‌ଇଟି ପଦକ୍ଷେପ ନେବେ। (ପୃଷ୍ଠା ୭ରେ)

# ବିମାନ ସଂଯୋଗୀକରଣରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟର ମାନ୍ୟତା

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ବିମାନ ସଂଯୋଗୀକରଣରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ମିଳିଛି। ହାଇଦ୍ରାବାଦରେ ଅନୁଷ୍ଠିତ ଗୋଲ ୱିଙ୍ଗ ଇଣ୍ଡିଆ ୨୦୨୪ରେ ରାଜ୍ୟକୁ ଏହି ମାନ୍ୟତା ମିଳିଛି। ରାଜ୍ୟକୁ ରାଜ୍ୟ ବିମାନ ସେବା ଆରମ୍ଭ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇଛି। ଏଥିରେ ଦ୍ରୁତଗତିରେ (ପୃଷ୍ଠା ୭ରେ)




# ରାମଲଲ୍ଲା ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ଭୁଲ ସୂଚନା ପ୍ରସାର କରନାହିଁ

## ଗଣମାଧ୍ୟମକୁ ପରାମର୍ଶ ଜାରି କଲେ ସରକାର

ନୂଆଦିଲ୍ଲୀ, ୨୦।୧

ଜାନୁଆରୀ ୨୨ରେ ଅଯୋଧ୍ୟାରେ ହେବାକୁ ଥିବା ରାମ ମନ୍ଦିର କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଦାୟିତ୍ୱବାନ ହୋଇ ଖବର ପ୍ରକାଶ କରିବାକୁ ସରକାର କହିଛନ୍ତି।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଆଡଭାଇଜରି ଜାରି କରି ଗଣମାଧ୍ୟମ ସଂସ୍ଥା ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ରାମ ମନ୍ଦିର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ମିଥ୍ୟା ଏବଂ ବିଭ୍ରାନ୍ତିକର ଖବର ପ୍ରକାଶ ନ କରିବାକୁ କୁହାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରୀରେ କୁହାଯାଇଛି ଯେ, ବିଶେଷ କରି ସୋସିଆଲ ମିଡିଆରେ କିଛି ମିଥ୍ୟା, ଉତ୍ତେଜନାମୂଳକ ଏବଂ ମିଥ୍ୟା ବାର୍ତ୍ତା ପ୍ରସାର କରାଯାଉଛି, ଯାହା ସାମ୍ପ୍ରଦାୟିକ ସଦ୍ଭାବନା ଏବଂ ଜନଶୃଙ୍ଖଳାକୁ ଖରାପ କରିପାରେ। ଅଯୋଧ୍ୟାରେ ରାମଲଲାଙ୍କ ପ୍ରତିମୂର୍ତ୍ତିର ସଂସ୍କାର ସମାରୋହ ଜାନୁଆରୀ ୨୨ ରେ ଅନୁଷ୍ଠିତ ହେବ । ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ସାମିଲ ହେବେ।

ସୂଚନାଯୋଗ୍ୟ ଯେ ରାମମନ୍ଦିର ସମାରୋହ ପୂର୍ବରୁ ଭିଆଇପି ଟିକେଟ, ରାମ ମନ୍ଦିର ପ୍ରସାଦ ଦେବା (ପୃଷ୍ଠା ୭ରେ)

## ପବିତ୍ର ଶାମ୍ବ ଦଶମୀ : ଚନ୍ଦ୍ରଭାଗାରେ ବୁଡ ପକାଇଲେ ହଜାର ହଜାର ଶ୍ରଦ୍ଧାଳୁ

କୋଣାର୍କ, ୨୦।୧

ନ୍ୟୁଜ୍ ବ୍ୟୁରୋ

ଶନିବାର ପବିତ୍ର ଶାମ୍ବ ଦଶମୀ ଲାଗି ଚନ୍ଦ୍ରଭାଗା ବେଳାମାର୍ଗ ଚଳଚଞ୍ଚଳ ହୋଇଉଠିଥିଲା। ସକାଳୁ ସକାଳୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ ପକାଇ ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କୁ ପୂଜାର୍ଚ୍ଚନା କରିଥିଲେ । ପ୍ରତି ଓଡିଆଙ୍କ ଘରେ ଘରେ ବି ସୂର୍ଯ୍ୟପୂଜା କରାଯାଇଛି। ପୁରାଣ କଥାବସ୍ତୁ ଅନୁଯାୟୀ ଭଗବାନ କୃଷ୍ଣଙ୍କ ପୁଅ ଶାମ୍ବ କୁଷ୍ଠରୋଗରେ ପୀଡିତ ହୋଇଥିଲେ। (ପୃଷ୍ଠା ୭ରେ)

# ନିର୍ବାଚନ ପୂର୍ବରୁ ଜେଲ ଯିବେ ଅପରାଧୀ, ଥାନା ଅଧିକାରୀ ଡିସିପିଙ୍କୁ ଦେଲେ ହାର୍ଡକୋରଙ୍କ ତାଲିକା



ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଆଗକୁ ଆସୁଛି ସାଧାରଣ ନିର୍ବାଚନ। ରାଜଧାନୀରେ ଯେପରି ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ ହେବ ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ଆଇନ ଶୃଙ୍ଖଳା ଯେମିତି ଭଙ୍ଗ ନହୁଏ, ସେଥି ପାଇଁ ପୁଲିସ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ତେଣୁ ନିର୍ବାଚନ ପୂର୍ବରୁ ରାଜଧାନୀରେ ଥିବା ସବୁ ହାର୍ଡକୋର ଅପରାଧୀଙ୍କୁ ଗିରଫ କରାଯିବ। କାରଣ ଅନେକ ରାଜନେତା ଆସନ୍ତା ସାଧାରଣ ନିର୍ବାଚନରେ ଏହି ଅପରାଧୀଙ୍କୁ ବ୍ୟବହାର କରିବାର ଅଧିକ ସମ୍ଭାବନା ରହିଛି । କିଛି ନେତା ଏମାନଙ୍କୁ ଭୋଟ ହାତେଇବା ପାଇଁ ବ୍ୟବହାର କରିବା ସହ ବୋମା ମାଡ଼, ଗୁଳିମାଡ଼ ଆଦି କାର୍ଯ୍ୟରେ ନିୟୋଜିତ କରିପାରନ୍ତି। ତେଣୁ ପୁଲିସକୁ ରାଜଧାନୀରେ ଥିବା ହାର୍ଡକୋର ଅପରାଧୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡିସିପି ପ୍ରତୀକ ସିଂ ରାଜଧାନୀ ଭୁବନେଶ୍ୱରରେ ଥିବା ସମସ୍ତ ଥାନା ଅଧିକାରୀଙ୍କୁ ୧୫ ଦିନ ପୂର୍ବରୁ ଅପରାଧୀଙ୍କ ତାଲିକା ଦେବାକୁ କହିଥିଲେ। ସମସ୍ତ ଥାନାର ଅଧିକାରୀ ନିଜ ନିଜ ଅଞ୍ଚଳରେ ଥିବା ହାର୍ଡକୋର ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରି ଡିସିପିଙ୍କୁ ଦେଇଛନ୍ତି। ତାଲିକା ଆଧାରରେ (ପୃଷ୍ଠା ୭ରେ)

# ବର୍ଷରେ ୨ ଥର ହେବ ସିବିଏସଇ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ, ୨୦।୧

ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷା ବର୍ତ୍ତମାନ ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ। ବୋର୍ଡ ଏଥିପାଇଁ ନୂଆ ନିୟମ ଆଣିଛି । ୨୦୨୪-୨୫ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ପାଇଁ ହାଜର ହେବାକୁ ପଡିବ। ଏହି ବର୍ଷଠାରୁ ସିବିଏସଇର ନୂତନ ନିୟମ କାର୍ଯ୍ୟକାରୀ ହେବ। ଛାତ୍ରୀଛାତ୍ରଙ୍କ ଉପରେ ଚାପ କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସାମ୍ପ୍ରତିକ ସମୟରେ, ପରୀକ୍ଷା ଟେନସନ ଯୋଗୁଁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି।



ଛାତ୍ରଛାତ୍ରୀମାନେ ଏହି ବିକଳ୍ପ ଚୟନ କରିପାରିବେ। ଦୁଇଥର ପରୀକ୍ଷାର ଉନ୍ନତ ପ୍ରଦର୍ଶନର ସ୍କୋରକୁ ଚୂଡାନ୍ତ ଭାବେ ବିବେଚନା କରାଯିବ । ଏକ ସାକ୍ଷାତକାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ (ପୃଷ୍ଠା ୭ରେ)

27 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୪ ରବିବାର





## ନୂଆପାଟଣାର ଅହିଂସା ସୂତାରେ ଖଣ୍ଡୁଆ ପାଟ ପିନ୍ଧିବେ ରାମ ଲାଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ଜୟ ଶ୍ରୀରାମ ନାରାରେ ଫାଟି ପଡୁଛି ଗାଁ ଦାଣ୍ଡ । ଗେରୁଆମୟ ପୁରା ଗାଁ । ସମସ୍ତଙ୍କ ମନରେ ପ୍ରବଳ ଉତ୍ସାହ । ଏ ହେଉଛି ଖଣ୍ଡୁଆ ପ୍ରସିଦ୍ଧ ଗ୍ରାମ ନୂଆପାଟଣା । ଯେଉଁଠୁ ପ୍ରଭୁ ଶ୍ରୀରାମଙ୍କ ପାଇଁ ଯାଉଛି ଖଣ୍ଡୁଆପାଟ । ଅହିଂସା ଖଣ୍ଡୁଆପାଟ ଶ୍ରୀଅଙ୍ଗ ବସ୍ତ୍ର ପ୍ରଭୁ ଶ୍ରୀରାମ ଲାଲାଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ଅଯୋଧ୍ୟା ଯାତ୍ରାରେ ବାହାରିଛନ୍ତି ଖଣ୍ଡୁଆ କାରିଗର । ପାଞ୍ଚଶହ ବର୍ଷର ଅପେକ୍ଷା । ଅଦାଲତି ଲଢେଇ । ଅନେକ ବାଦବିବାଦ ପରେ ଉତ୍ତରପ୍ରଦେଶର ଅଯୋଧ୍ୟା ଠାରେ ଆସନ୍ତା ୨୨ରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହା ପରଦିନ କଟକ ଜିଲ୍ଲା ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଖଣ୍ଡୁଆପାଟ ବସ୍ତ୍ରକୁ ପରିଧାନ କରିବେ ପ୍ରଭୁ ରାମ ଲାଲା । ଏ ନେଇ ବୁଣାକାରମାନେ ଅହିଂସା ଖଣ୍ଡୁଆ ପାଟ ସୂତାରେ ପ୍ରସ୍ତୁତ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ବୁଣା ଶେଷ କରିଛନ୍ତି । ଉକ୍ତ ବସ୍ତ୍ରକୁ ନେଇ ଅଯୋଧ୍ୟା ଯିବାର କାର୍ଯ୍ୟକ୍ରମ ଧୁମ୍‌ଧାମ୍‌ରେ ପାଳିତ ହେଉଛି । ନୂଆପାଟଣା ସ୍ଥିତ ନଂ ୧ ବୁଣାକାର ତନ୍ତୁବାୟ ସମିତିର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବାନ୍ଧକଳା କାରିଗର ଅର୍ଜ୍ଜୁନ ପାଳଙ୍କ ସହଯୋଗୀମାନଙ୍କ ପକ୍ଷରୁ ବାଳକ ରାମଲାଲଙ୍କ ପାଇଁ ଗୀତଗୋବିନ୍ଦ ଲେଖାଥିବା ୫ ହାତ ଲମ୍ବର ଅଙ୍ଗବସ୍ତ୍ର ଓ ୩ ହାତ ଲମ୍ବର ଉତ୍ତରୀୟ ବୁଣା ଯାଇଛି । ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟ ସହ ନୂଆପାଟଣା ନଂ.୧ ବୁଣାକାର ସମିତିର ଯୋଗାଯୋଗ ପରେ ଉକ୍ତ ବସ୍ତ୍ର ନିର୍ମାଣ ଆରମ୍ଭ ହୋଇଥିଲା । ସେହି ବସ୍ତ୍ରକୁ ନୂଆପାଟଣା ସ୍ଥିତ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବୁଣାକାର ପରିବାରଙ୍କ ପ୍ରତିନିଧିଙ୍କ ଦ୍ୱାରା ଅଯୋଧ୍ୟା ଅଭିମୁଖେ ପ୍ରେରିତ କରାଯିବାର ବ୍ୟବସ୍ଥା କରାଯାଇଛି । ଉକ୍ତ ବସ୍ତ୍ର ୧୯ ତାରିଖରେ ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟ କମିଟି ନିକଟରେ ପହଞ୍ଚିଥିବା ବେଳେ । ୨୩ ତାରିଖରେ ରାମଲାଲ ଏହାକୁ ପରିଧାନ କରିବେ ।

### ଜୟ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ

## ପ୍ରତିଶ୍ରୁତି ପାଳନ କରିବାରେ ମୁଖ୍ୟମନ୍ତ୍ରୀଙ୍କ ତୁଳନା ନାହିଁ:ମନ୍ତ୍ରୀ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ଶୁଭାରମ୍ଭ ହେଲା ଜୟ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା । ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ନୂତନ ବସ୍ ଟର୍ମିନାଲ ଠାରେ ଏହି ସେବା ଆରମ୍ଭ ହେଇଛି । ସବୁଜ ପତାକା ଦେଖାଇ ଏହି ସେବାର ଆରମ୍ଭ କରାଯାଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା, ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗୀର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ଏହି ସେବା ଆରମ୍ଭ ହୋଇଥିବା ଜିଲ୍ଲା ଗୁଡିକ ହେଲା- ବଲାଙ୍ଗିର, ବରଗଡ, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି,




ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ । ଏହି ବସ୍‌ଗୁଡ଼ିକ ଜିଲ୍ଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ । ସେ କହିଥିଲେ ଯେ ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ୍ ଦାମ୍ ମାତ୍ର ୫ ଟଙ୍କା ରହିଛି । ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ୫ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧିନରେ ଏହି ବସ୍ ସେବା ଆରମ୍ଭ ହୋଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କର ତୁଳନା ନାହିଁ । ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏକ ମାଇଲ୍‌ଷ୍ଟୋନ୍ । ସେ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଅଧିକ ସଶକ୍ତ କରୁଛି । ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି ୫ଟି ଅଧ୍ୟକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ଭୂପିନ୍ଦର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## କେନ୍ଦୁଝର ଜିଲ୍ଲାକୁ ୪ ହଜାରରୁ ଉର୍ଦ୍ଧ୍ୱ ବହିରାଗତ ପକ୍ଷୀଙ୍କ ଆଗମନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ବିଗତ ବର୍ଷମାନଙ୍କ ତୁଳନାରେ ଚଳିତ ବର୍ଷ ଅଧିକ ବହିରାଗତ ପକ୍ଷୀଙ୍କ ଆଗମନ ହୋଇଥିବାର ଜଣାପଡିଛି । ମିଳିଥିବା ସୂଚନାରୁ ପ୍ରକାଶ ଯେ, କେନ୍ଦୁଝର ଜିଲ୍ଲାରେ ବନ ବିଭାଗ ଦ୍ୱାରା ପକ୍ଷୀ ଗଣନା କାର୍ଯ୍ୟକ୍ରମ ଶେଷ ହୋଇଛି । କେନ୍ଦୁଝର ଡିଭିଜନର ସଦର ରେଞ୍ଜ, ଘଟଗାଁ ରେଞ୍ଜ, ଭୁୟାଁ ଯୁଆଙ୍ଗ ପୀଢ଼ ରେଞ୍ଜ, ଚମ୍ପୁଆ, ପାଟଣା, ତେଲକୋଇ ଆଦି ରେଞ୍ଜର ୨୨ଟି ବନ୍ଧ ପୋଖରୀ ଓ ଆଦ୍ରଭୂମି ମାନଙ୍କରେ ଗଣନା କରାଯାଇଥିଲା । ଏହି ଗଣନା କାର୍ଯ୍ୟକ୍ରମରେ ରେଞ୍ଜର, ଫରେଷ୍ଟର, ଗାର୍ଡ ଓ ସ୍କ୍ୱାର୍ଡ କର୍ମଚାରୀ ସାମିଲ ହୋଇଥିବାବେଳେ ସେମାନଙ୍କୁ ପକ୍ଷୀ ଗଣନା ପାଇଁ ଆବଶ୍ୟକୀୟ ସାମଗ୍ରୀମାନ ଯୋଗାଇଦିଆଯାଇଥିବାର ପ୍ରକାଶ । ମିଳିଥିବା ସୂଚନା ଅନୁସାରେ ଗତ - ୨୦୨୩ ମସିହାରେ ୨୦୮୬ଟି ବହିରାଗତ ପକ୍ଷୀ ଆଗମନ ହୋଇଥିବାର ଗଣନା କରାଯାଇଥିବାର ଚଳିତ ବର୍ଷ କେନ୍ଦୁଝର ସଦର ରେଞ୍ଜରେ ୧୩୮୧ଟି, ଘଟଗାଁ ରେଞ୍ଜରେ ୧୪୪ ଟି, ତେଲକୋଇ ରେଞ୍ଜରେ ୮୦୨ଟି, ଚମ୍ପୁଆ ରେଞ୍ଜରେ ୭ଟି, ପାଟଣା ରେଞ୍ଜରେ ୧୮୬୯ ଟି, ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜରେ ୫୫ ଟି, ଏହିଭଳି ମୋଟ ୪୨୫୮ଟି ବହିରାଗତ ପକ୍ଷୀଙ୍କ ଆଗମନ ହୋଇଥିବାର ଜଣାପଡିଛି । ସହର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ବହୁ ପୁଷ୍କରଣୀ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବା ସହ ଅପରିଷ୍କାର ଓ ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଛି, ଯଦି ଉକ୍ତ ପୁଷ୍କରଣୀ ଗୁଡିକୁ ପରିଷ୍କାର କରି ବ୍ୟବହାର ଉପଯୋଗୀ କରାଯିବା ସହ ପକ୍ଷୀ ଆଗମନର ବ୍ୟବସ୍ଥା କରାଯାଇପାରନ୍ତା ତେବେ ବହିରାଗତ ପକ୍ଷୀ ମାନଙ୍କର ଆଗମନ ଆହୁରି ବୃଦ୍ଧି ପାଇପାରନ୍ତା ବୋଲି ମତପ୍ରକାଶ ପାଇଛି ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି ପରେ ତ୍ୱରିତ ପଦକ୍ଷେପ

## ଓଡ଼ିଶାରୁ ଅଧିକ ୧୦ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ସଂଗ୍ରହ କରିବାପାଇଁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖିବା ପରେ ତ୍ୱରିତ ପଦକ୍ଷେପ ସ୍ୱରୂପ ଚଳିତ ଖରିଫ୍ ବିପଣନ ଋତୁରେ ଓଡ଼ିଶାରୁ ଅଧିକ ୧୦ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ସଂଗ୍ରହ କରିବା ନେଇ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ଓଡ଼ିଶାରୁ ଅଧିକ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ସଂଗ୍ରହ କରିବା ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଚିଠିର ପ୍ରତ୍ୟୁତ୍ତରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲ । ଅନୁରୋଧକୁ ରକ୍ଷା କରି ତ୍ୱରିତ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଲକ୍ଷାଧିକ ଚାଷୀ ଉପକୃତ ହେବେ ବୋଲି ସେ କହିଛନ୍ତି । ପ୍ରକାଶଥାଉକି, ଗତ ଜାନୁଆରୀ ୧୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଚଳିତ ଥର ଓଡ଼ିଶାରେ ଭଲ ଅମଳ ହୋଇଥିବା କାରଣରୁ ରାଜ୍ୟରୁ ମୋଟ ପ୍ରାୟ ୭୯ ଲକ୍ଷ ମେଟ୍ରିକ ଟନ୍ ଖରିଫ ଚାଉଳ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଛି । ପ୍ରାରମ୍ଭିକ ଆବଣ୍ଟନରେ କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବିପଣନ ଋତୁରେ ୪୪.୨୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କିଣିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତେବେ ଏନ୍‌ଏଫ୍‌ଏସ୍‌ଏ, ଏସଏଫଏସଏ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ନିଜସ୍ୱ ଚାଉଳର ଆବଶ୍ୟକତା ପୂରଣ କରିବା ବ୍ୟତୀତ ପର୍ଯ୍ୟାପ୍ତ ପରିମାଣର ଉଷୁନା ଚାଉଳ ବଳକା ରହିଯାଇପାରେ । ଏହି ବଳକା ଚାଉଳ ଏଫସିଆଇ ଦ୍ୱାରା ଉଠାଣ ହେବାର ଆବଶ୍ୟକତା ରହିଛି । ଓଡ଼ିଶାର ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପ ବିଶେଷ ସହାୟକ ହେବ । ବିଶେଷ ଭାବରେ ଯେଉଁମାନେ ଧାନ ଚାଷରେ ନିର୍ଭରଶୀଳ, ଏହାଦ୍ୱାରା ସେମାନେ ଉପକୃତ ହୋଇପାରିବେ ବୋଲି ଶ୍ରୀ ପ୍ରଧାନ କହିଥିଲେ ।

## ଅଙ୍ଗନୱାଡି କେନ୍ଦ୍ରର ଖାଦ୍ୟର ମାନ ଯାଞ୍ଚ କଲେ କମିଶନ ସଦସ୍ୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ସଦସ୍ୟ ଦୟାନିଧି ଦାଶ ଆଜି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଏବଂ ସୁଲଭ ଖାଉଟୀ ଯୋଗାଣ କେନ୍ଦ୍ର ବୁଲି ଦେଖିଥିଲେ । ସଦସ୍ୟ ଦୋଳସାହି, ଦୋଳସାହି-୧, ନନ୍ଦପୁର-୧, ମଙ୍ଗରାପୁର-୩, କାଁପଡ଼ା-୧, ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ପିଲାମାନଙ୍କ ଖାଦ୍ୟର ମାନ, ଓଜନ ଓ ଉଚ୍ଚତା ପୋଷଣ ଆପ୍‌ରେ ଅପଲୋଡ଼ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଙ୍ଗନବାଡ଼ି କର୍ମୀଙ୍କୁ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ସେହିପରି ସଦସ୍ୟ ଦୋଳସାହି ଅଳିପୁର ପ୍ରାଥମିକ ବିଦ୍ୟାଳୟ, ନନ୍ଦପୁର ଉନ୍ନତୀ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖର ରତ୍ନାକର ସହଯୋଗ ସରକାରୀ ହାଇସ୍କୁଲ, ମଙ୍ଗରାପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ, କାଁପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଳୀ ସରକାରୀ ହାଇସ୍କୁଲ, କାଁପଡ଼ା, ଗୋଳାପୋଖରୀ ୟୁଜିୟୁପି ସ୍କୁଲ



ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ତନଖିଥିବା ବେଳେ ପାନୀୟ ଜଳ ଓ ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱ ଦେଇଥିଲେ । କାଁପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରରେ ତିଆରି କରିଥିବା କିଚେନ୍ ଗାର୍ଡେନ ଦେଖି ସଦସ୍ୟ ନିଜର ଖୁସି ବ୍ୟକ୍ତ କରିଥିଲେ । ଦୋଳସାହି ସ୍ଥିତ ସୁଲଭ ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ରର କିଛି ହିତାଧିକାରୀ ଚାଉଳ ବାଣ୍ଟିବା ବେଳେ ସଂପୃକ୍ତ ରିଟେଲର ହଇରାଣ କରୁଥିବା ଅଭିଯୋଗ କରିଥିଲେ । ଅପରପକ୍ଷେ କାଁପଡ଼ା ରିଟେଲର ଅପରାହ୍ନ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ହିତାଧିକାରୀ ମାନଙ୍କୁ ଚାଉଳ ଯୋଗାଉଥିବା ସଦସ୍ୟ ଦେଖିବାକୁ ପାଇଥିଲେ ।

## ଜାତୀୟ ଯୁବ ସମ୍ମିଳନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ କଲେ ଡ଼ଃ ପଦ୍ମଜା କବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ଡ଼ଃ ପଦ୍ମଜା କବି ଶତପଥୀ ମହାରାଷ୍ଟ୍ରର ନାସିକ ଠାରେ ହୋଇଥିବା ଜାତୀୟ ଯୁବ ମହୋତ୍ସବରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଜଣାପଡିଛି । ଜାତୀୟ ଯୁବ ସମ୍ମିଳନୀ ମହାରାଷ୍ଟ୍ର ଠାରେ ଅନୁଷ୍ଠିତ ହେଉଥିବାରୁ ରାଜ୍ୟରୁ ୩୦ ଜଣ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଡ଼ଃ ପଦ୍ମଜା କବିଙ୍କୁ ଚୟନ କରାଯାଇଛି । ଏହି ସ୍ୱେଚ୍ଛାସେବୀ ମାନେ ସମ୍ମିଳନୀରେ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ତଥା ଦୁଃ-ସାହାସିକ କ୍ରୀଡାରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱେଚ୍ଛାସେବୀ ମାନଙ୍କ ସହିତ ଭାବ ଆଦାନ ପ୍ରଦାନ କରିବାର ସୁଯୋଗ ମିଳିଥିଲା । ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଡ଼ଃ କବିଙ୍କୁ ସୁଯୋଗ ମିଳିଥିବାରୁ ସେ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ତଥା ଯୁବ ସଂଯୋଜକ ଅଜିତ କୁସଓ୍ୱାହାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୨୨ରେ କେନ୍ଦ୍ରାପଡ଼ାରେ ବନ୍ଦ ରହିବ ମାଛ ଓ ମାଂସ ବ୍ୟବସାୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୨ ତାରିଖ ସୋମବାର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରରେ ଶ୍ରୀରାମ ଲାଲାଙ୍କ ନୂତନ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏ ଉପଲକ୍ଷେ ସାରା ଦେଶରେ ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଜନ ସାଧାରଣଙ୍କର ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ଆସନ୍ତା ୨୨ ତାରିଖ ସୋମବାର କେନ୍ଦ୍ରାପଡା ସହରରେ ଥିବା ସମସ୍ତ ମାଛ, ମାଂସ ବ୍ୟବସାୟୀ ଆମିଷ ଦ୍ରବ୍ୟ ବିକ୍ରିରୁ ନିବୃତ୍ତ ରହିବାକୁ ମାଛ, ମାଂସ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦଳାଇ, ସୁରେଶ ଚନ୍ଦ୍ର ସେଠୀ, ଝୁନୁ ସେଠୀ, ସେକ ଲାଲୋ, ସେକ୍ ଇମରାନ୍, ସେକ୍ ଫୁରକାନ୍, ଅନାଦି ସେଠୀ, କାଳନ୍ଦୀ ସେଠୀ, ଅର୍ଜୁନ ସେଠୀ ପ୍ରମୁଖ ସଂଘ ପକ୍ଷରୁ ନିଷ୍ପତି ନେଇଥିବା ଜଣାପଡିଛି ।

### ଟିପିଏନଓଡିଏଲ୍ ପକ୍ଷରୁ 'ଉର୍ଜ୍ଜା ମହୋତ୍ସବ'

## 'ଶକ୍ତି ସଞ୍ଚୟ କ୍ଷେତ୍ରରେ ପିଲାଙ୍କ ସୃଜନଶୀଳତା ବିକାଶକୁ ଗୁରୁତ୍ୱ'

**ବାଲେଶ୍ୱର, ନ୍ୟୁଜ୍**

ଆଜିର ଶିଶୁ କାଲିର ଭବିଷ୍ୟତ । ଭବିଷ୍ୟତ ପାଇଁ ଶକ୍ତି ସଞ୍ଚୟ ନିହାତି ଜରୁରୀ । ପିଲାଙ୍କ ମଧ୍ୟରେ ଶକ୍ତି ସଞ୍ଚୟ ଓ ଅକ୍ଷୟ ଶକ୍ତିର ବିନିଯୋଗ କରିବା ନେଇ ବିଚାରଧାରା ସୃଷ୍ଟି ଉଦ୍ଦେଶ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଯାଜପୁର ଜିଲ୍ଲା ସ୍ଥିତ ବିଏନ୍ ସରକାରୀ ହାଇସ୍କୁଲରେ ଉର୍ଜ୍ଜା ମହୋତ୍ସବ ଆୟୋଜନ କରିଛି । ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ନିବେଦିତା ପାଣି ମହୋତ୍ସବର ଉଦ୍ଘାଟନ କରିଥିବାବେଳେ କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଏସଆର ମୁଖ୍ୟ ଦିଲ୍ଲୀପ କୁମାର ସାହୁ, ବିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ କେସି ସାମଲ, ସରୋଜ ମାନିଆ ପ୍ରମୁଖ




ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୨୦ଟି ବିଦ୍ୟାଳୟର ୪ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଜ୍ଞାନ ପ୍ରକଳ୍ପ, ପୋଷ୍ଟର ତିଆରି, କୁଇଜ, ସ୍ଲୋଗାନ ଆଦି ପ୍ରତିଯୋଗିତା ମାଧ୍ୟମରେ ପିଲାମାନେ ଶକ୍ତି ସଂରକ୍ଷଣ ସମ୍ପର୍କିତ ନିଜର ପରାଦର୍ଶିତା ପ୍ରତିପାଦନ କରିଥିଲେ । ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପାଣି ଟିପିଏନଓଡିଏଲର ଏଭଳି ପ୍ରୟାସର ପ୍ରଶଂସା କରିବା ସହ ଶକ୍ତି ସଂରକ୍ଷଣର ଅବଶ୍ୟକତା ଓ ଏହାର ଉପାୟ ପିଲାଙ୍କୁ ସଚେତନ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଏହି ପ୍ରୟାସ ପିଲାଙ୍କ ସୃଜନଶୀଳତା ବିକାଶ କରିବାରେ ବେଶ୍ ପ୍ରଭାବ ପକାଇବ ବୋଲି ମଧ୍ୟ କହିଥିଲେ । ସିଏସଆର ମୁଖ୍ୟ ଶ୍ରୀ ସାହୁ ଟିପିଏନଓଡିଏଲର ବିଭିନ୍ନ ସିଏସଆର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀ ସାମଲ ଟିପିଏନଓଡିଏଲର ଏଭଳି ପ୍ରୟାସ ପିଲାଙ୍କୁ ଭବିଷ୍ୟତ ପାଇଁ ସଶକ୍ତ କରାଇବ ବୋଲି ଅଭିମତ ରଖିଥିଲେ । ତେବେ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଟିପିଏନଓଡିଏଲ ସିଏସଆର ଟିମ୍‌ର ଲୋକାଭିମୁଖୀ କାର୍ଯ୍ୟପନ୍ଥାକୁ ପ୍ରଶଂସା କରିବା ସହ ଶିକ୍ଷା, ଉଦ୍‌ଯୋଗୀ, ସ୍ୱରୋଜଗାର, ନିଯୁକ୍ତି ଓ ମୌଳିକ ସେବା ଯୋଗାଇବା ଆଦି କାର୍ଯ୍ୟକ୍ରମଗୁଡିକ ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ ।

## କଥା ରଖିଲେ ସରକାର:ଗେଟ୍ ବଜାର ଫ୍ଲାଏଓଭର ଟେଣ୍ଡର ଆହ୍ୱାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଟ୍ରାଫିକ୍ ସମସ୍ୟାରେ ଥିବା ସ୍ଥାନୀୟ ଗେଟ୍ ବଜାରରେ ଫ୍ଲାଏଓଭର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ୍ କର୍ପୋରେସନ୍ ପକ୍ଷରୁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି । ଆସନ୍ତା ୨୫ରୁ ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ୍‌ରେ ଏକ ଫ୍ଲାଏଓଭର ସମ୍ପର୍କିତ ସମସ୍ତ ସୂଚନା ଓ ଡ଼କ୍ୟୁମେଣ୍ଟ ଉପଲବ୍ଧ ହେବ । ୩୧ରେ ପ୍ରି- ବିଡ୍ ଇନକ୍ୱାରୀ, ୧ ତାରିଖରେ ପ୍ରି-ବିଡ୍ ଭର୍ଚୁଆଲ୍ ମିଟିଂ ଏବଂ ୩ରେ ବିବରଣୀ ପ୍ରଦାନ କରାଯିବ । ଫେବୃଆରୀ ୧୯ ତାରିଖ ଅନଲାଇନ୍ ଟେଣ୍ଡର ଦାଖଲର ଶେଷ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ୨୦ରେ ଟେକ୍ନିକାଲ୍ ବିଡ୍ ଖୋଲାଯିବ ବୋଲି ଓବିସିସି ପକ୍ଷରୁ ସୂଚନା ଦିଆଯାଇଛି । ୨୪ ମାସ ମଧ୍ୟରେ ଫ୍ଲାଏଓଭର ନିର୍ମାଣ ଶେଷ କରିବାକୁ ଧାର୍ଯ୍ୟ ହୋଇଛି । ଅନ୍ୟପଟେ ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ସର୍ଭେ ଜାରି ରହିଥିବା ସୂଚନା ମିଳିଛି । ଦ୍ୱିତୀୟ ଆଲାଇନମେଣ୍ଟ ସର୍ଭେ ଅନୁସାରେ ଗେଟ୍ ବଜାର ନିକଟରେ ରାସ୍ତା କେଉଁଠି ସମସ୍ୟା ସଙ୍କୁଚିତ ହୋଇ ରହିଛି ତ ଆଉ କେଉଁଠି ସମ୍ପ୍ରସାରିତ ହୋଇଛି । ଏଠାରେ ରାସ୍ତାର ଓସାର ୧୪ ମିଟରରୁ ଆରମ୍ଭ କରି ୧୮ ମିଟର ପର୍ଯ୍ୟନ୍ତ ରହିଥିବା ଆଲାଇନମେଣ୍ଟ ସର୍ଭେରୁ ଜଣାଯାଇଛି । ରାସ୍ତା ଓସାରରେ ପ୍ରାୟ ୪ ମିଟରର ତାରତମ୍ୟ ରହିଛି । ୨୨ ମିଟର ବିଶିଷ୍ଟ ବ୍ରିଜ୍ ଓ ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ଅନ୍ୟୁନ୍ୟ ୪ରୁ ୮ମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଆବଶ୍ୟକ ପଡ଼ିପାରେ । ସେହିପରି ଫ୍ଲାଏ ଓଭରରର ଲମ୍ବ ୧୧୨୦ ମିଟର ରହିବ । ଏହା ଆସ୍କାରୋଡ଼ର ନିଳାଦ୍ରୀ ବିହାର ଛକରୁ ଆରମ୍ଭ ହୋଇ ସିଟି ହସ୍‌ପିଟାଲ୍ ଛକରେ ଶେଷ ହେବ । ଦୁଇ ପର୍ଯ୍ୟାୟ ଆଲାଇନମେଣ୍ଟ ସର୍ଭେ ସରିଥିବା ବେଳେ ଜମି ଅଧିଗ୍ରହଣ ସମ୍ପର୍କିତ ସ୍ୱଷ୍ଟ ଚିତ୍ର ଆସିନାହିଁ । ସହରର ପ୍ରମୁଖ ଛକ ତଥା ପ୍ରବେଶ ପଥ ଭାବେ ଗେଟ୍ ବଜାର ଛକ ବିବେଚିତ । ଏହି ଛକ ସହ ପାଞ୍ଚୋଟି ରାସ୍ତା ସଂଯୋଗ କରୁଥିବାରୁ ଦିନ ତମାମ ଏଠାରେ ଟ୍ରାଫିକ୍ ଜାମ ସମସ୍ୟା ଲାଗି ରହୁଛି । ଆସିକା ରୋଡ୍ ହେଉକି ଲୋଚାପଡ଼ା ଅବା ବସ୍‌ଷ୍ଟାଣ୍ଡ ରୋଡ୍, ଚାରି ଆଡ଼କୁ ଗାଡ଼ି ମଟର ଲମ୍ବା ଲାଇନ୍ । ରାସ୍ତାର ସମ୍ପ୍ରସାରଣ ହୋଇନଥିବାରୁ ଏହା ଆଉ ଏକ ସମସ୍ୟା । ସେହିପରି ସିଟି ହସ୍‌ପିଟାଲ୍ ରୋଡ୍‌ରେ ଉଠା ଦୋକାନୀଙ୍କ ଭିଡ଼ ଏବଂ ଅସ୍ଥାୟୀ ବସ୍‌ଷ୍ଟପ୍ ଗାଡ଼ି ଚଳାଚଳରେ ବାଧା ହେଉଛି । ଏହାକୁ ଦୃଷ୍ଟିରେ ରଖି ଗୋଇଲୁଣ୍ଡି ଠାରୁ ବସ୍‌ଷ୍ଟାଣ୍ଡକୁ ହଳଦିଆପଦର ସ୍ଥାନାନ୍ତର ପରିକଳ୍ପନା କରାଯାଇଥିଲା । ହେଲେ ୧୨ କୋଟି ବ୍ୟୟରେ ନିର୍ମିତ ନୂତନ ବସ୍ ଟର୍ମିନାଲ୍ ଉଦ୍‌ଘାଟନର ୭ ବର୍ଷ ପରେ ବି କାମରେ ଆସୁନି । ସହରରେ ଟ୍ରାଫିକ୍ ସମସ୍ୟା ପୂର୍ବଭଳି ରହିବାରୁ ଗେଟ୍ ବଜାର ଠାରେ ଫ୍ଲାଏଓଭର ନିର୍ମାଣ ଦାବି ଧରିଥିଲା । ଏବେ ଏହି ଫ୍ଲାଏଓଭର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୧।୧।୨୦୨୪, ମାଘ ଦି୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୪୪** **ଚନ୍ଦ୍ରୋଦୟ- ଦିଘ୧।୩୬।୦୮**

ଏକାଦଶୀ- ସଂଘ ୭।୨୮ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର - ରାଘ ୩।୫୩ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି** -ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ସଂଘ ୭।୨୮ ପରେ ପୋଇ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୧୦।୦୮ ମଧ୍ୟେ ଦିଘ ୧।୨୨ ଗତେ ଘ ୧।୪୮ ମଧ୍ୟେ । **ପର୍ବୋତ୍ସବ -** ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ । ଶତ୍ରୁ ନାଶ ହେବେ । ନୂତନ ବନ୍ଧୁ ଦର୍ଶନ ।



**ବୃଷ:** ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମିଥୁନ:** ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଲାଭ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ ।



**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଜୀବନ ହସିଲା ଖୁସିଲା ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ ଶାନ୍ତିର ବାତାବରଣ ରହିବ । ନୂତନ ଦ୍ରବ୍ୟ ଲାଭ କରିବାର ସୁଯୋଗ ଜୁଟିପାରେ ।



**କନ୍ୟା:** ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେବାର ସୂଚନା ମଧ୍ୟ ରହିଛି ।



**ତୁଳା:** ବ୍ୟବସାୟ ଆପଣଙ୍କର କ୍ଷତିରେ ଚାଲିପାରେ । ଖର୍ଚ୍ଚର ପରିମାଣ ବଢ଼ିପାରେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ଗର୍ବୀ ହେବେ । ଶତ୍ରୁ ପରାସ୍ତ ହେବେ । ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ବିରୋଧି ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ କଳହ ଦେଖାଦେବ । ବନ୍ଧୁଙ୍କ ସହ ମତାନ୍ତର ।



**ଧନୁ:** କର୍ମକ୍ଷେତ୍ରରେ ଆପଣ ଉପଯୁକ୍ତ ପାରିଶ୍ରମିକ ପାଇ କୃତାର୍ଥ ହେବେ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଲାଭ ହେବ ।



**ମକର:** ଆର୍ଥିକ ସ୍ଥିତି ଭଲ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ ।



**ମୀନ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ନୂତନ କାର୍ଯ୍ୟ ହାତକୁ ଆସିପାରେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ:ସହରାଞ୍ଚଳରେ ୩୪ ଦିନ ବୁଲି ତାଲିମ ଦେବ ଇଭିଏମ୍ ଓ ଭିଭିପ୍ୟାଟ୍ ଭ୍ୟାନ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଭୋଟରଙ୍କୁ ସଚେତନ କରାଇବା ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଓ ଭୋଟର ଭେରିଫାଏବୁଲ ପେପର ଅଡିଟ୍ ଟ୍ରାଏଲ୍ସ (ଭିଭିପ୍ୟାଟ୍) ଭ୍ୟାନ୍ ସହରାଞ୍ଚଳରେ ୩୪ ଦିନ ଧରି ପରିଭ୍ରମଣ କରିବ । ବାରବାଟୀ-କଟକ, ଚୌଦ୍ୱାର-କଟକ ଓ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ଭ୍ୟାନ୍ ପହଞ୍ଚି ସାଧାରଣ ଲୋକଙ୍କୁ ତ୍ରୁଟିଶୂନ୍ୟ ଓ ସୁରକ୍ଷିତ ଭୋଟ୍ ଉପରେ ସଚେତନ କରାଇବ । ସ୍ଥାନୀୟ ସିଏମ୍‌ସି କାର୍ଯ୍ୟାଳୟ ବିଜୁଭବନ ଠାରେ ପୂର୍ବାହ୍ନରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ଦ୍ୱାରା ଦୁଇଟି ଭ୍ୟାନ୍ ଉଦ୍‌ଘାଟିତ ହୋଇଯାଇଛି । ଉପରୋକ୍ତ ନିର୍ବାଚନ ମଣ୍ଡଳୀଗୁଡିକର ସମସ୍ତ ମତଦାନ କେନ୍ଦ୍ର ଅଞ୍ଚଳରେ ଏହି ଭ୍ୟାନ୍ ପହଞ୍ଚି ଭିଭିପ୍ୟାଟ୍‌ରେ ଥିବା ସ୍ୱଚ୍ଛ ପରଦାରେ ମୁଦ୍ରିତ କାଗଜ ଚିରିକୁଟିରେ ଜଣେ ଭୋଟରଙ୍କ ମନୋନୀତ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା, ନାମ ଏବଂ ଚିହ୍ନକୁ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ କରିବାର ବ୍ୟବସ୍ଥା ରହିଛି । ଇଭିଏମ୍ ଜରିଆରେ ଭୋଟରମାନେ କିଭଳି ସୁରକ୍ଷିତ ଭୋଟିଂ କରିପାରିବେ ସେ ସମ୍ପର୍କରେ ଭୋଟରମାନଙ୍କୁ ପ୍ରଶିକ୍ଷିତ କରାଯିବ । ଏଥିସକାଶେ ଏକାଧିକ ଦକ୍ଷ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ବୋଲି ସିଏମ୍‌ସି ଅତିରିକ୍ତ କମିଶନର ସୋନା ଟୁଡୁ ପ୍ରକାଶ କରିଛନ୍ତି । ଆସନ୍ତା ନିର୍ବାଚନରେ ଭୋଟରମାନଙ୍କ ସକ୍ରିୟ ଅଂଶଗ୍ରହଣ ଓ ସଠିକ୍ ମତଦାନ ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାକୁ କାର୍ଯ୍ୟକାରି କରିବା ନିମନ୍ତେ ସଚେତନତା ରଥ ପରିକ୍ରମା କରୁଛି ।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ବଜେଟ୍‌ରେ ନୂଆ ପରିବର୍ତ୍ତନ

ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪ ଫେବ୍ରୁଆରୀ ୧ରେ ଏକ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ। ସେଥିରେ କେଉଁ ବର୍ଗକୁ କ'ଣ ମିଳିବ ତାହାକୁ ନେଇ ଏବେଠାରୁ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ନିର୍ବାଚନ ବର୍ଷ ହୋଇଥିବାରୁ ମନଲୋଭା ଯୋଜନା ଘୋଷଣା ହେବାର ସମ୍ଭାବନା ରହିଛି। ଏଥର ମହିଳାମାନଙ୍କୁ ଦୃଷ୍ଟିରେ ରଖି ଏକ ନୂଆ ଯୋଜନା ଘୋଷଣା ହେବାର ସମ୍ଭାବନା ରହିଛି। କେଉଁ ମହିଳାମାନେ ଏଥିପାଇଁ ଯୋଗ୍ୟ ହେବେ ତାହାର ମାନଦଣ୍ଡ ଯଥା ଆୟ ଆଦି ନିର୍ଦ୍ଧାରଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯୋଜନାରେ ଯୋଗ୍ୟ ମହିଳାଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯିବ। ବିଶେଷ କରି ଅର୍ଥନୈତିକ ଅନଗ୍ରସର ପୃଷ୍ଠଭୂମିର ମହିଳାମାନଙ୍କୁ ଲକ୍ଷ୍ୟ କରି ଏହି ଯୋଜନାରେ ଯୋଗ୍ୟତା ଅର୍ଜନ କରିଥିବା ମହିଳାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ମାସିକ ରାଶି ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି। ୨୧ ବର୍ଷରୁ ଅଧିକ ବୟସ୍କ ଏବଂ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ନଥିବା ମହିଳାମାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ।

ଅର୍ଥମନ୍ତ୍ରୀ ସୀତାରମଣ କ୍ରମାଗତ ଷଷ୍ଠ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସାଧାରଣତଃ ସେପ୍ଟେମ୍ବର ମାସରେ ଆରମ୍ଭ ହୋଇଥାଏ ଯାହା ଉପସ୍ଥାପନ ତାରିଖର ଛଅ ମାସ ପୂର୍ବରୁ ହୋଇଥାଏ। ତେବେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ସ୍ପଷ୍ଟ କରିଛନ୍ତି ଯେ କେବଳ ପୂର୍ଣ୍ଣାଙ୍ଗ ବଜେଟ୍ ପର୍ଯ୍ୟନ୍ତର ଖର୍ଚ୍ଚ ପୂରଣ ହେବା ଭଳି ଛୋଟ ବଜେଟ୍ ଆସିବ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# ବିମାନ ବନ୍ଦର ଟର୍ମିନାଲ୍‌ରେ ଅଠର ବର୍ଷର ସଂଗ୍ରାମ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସାଧାରଣତଃ ଯାତ୍ରୀ ମାନେ ବିମାନ ବନ୍ଦର ଟର୍ମିନାଲ ରେ ନିଜ ଗନ୍ତବ୍ୟ ସ୍ଥାନକୁ ଯିବାପାଇଁ କିଛି ସମୟ ଅପେକ୍ଷା କରିବାର ନଜିର ଅଛି , ସମୟ ସମୟରେ ଯଦି କୌଣସି ଆପାତ କାଳୀନ ପରିସ୍ଥିତି ହୁଏ ତେବେ ଦିନେ ଦୁଇ ଦିନ ମଧ ଯାତ୍ରୀ ଟର୍ମିନାଲ ରେ ଅପେକ୍ଷା କରିବାର ନଜିର ଅଛି । ତେବେ ଏଠାରେ ଏପରି ଜଣେ ବ୍ୟକ୍ତିଙ୍କ କଥା କୁହାଯାଇଛି ଯେ, ସେହି ବ୍ୟକ୍ତି ଦୀର୍ଘ ଅଠର ବର୍ଷ ଧରି ଫ୍ରାନ୍ସ ଦେଶର ପ୍ୟାରିସ୍ ଠାରେ ଥିବା ଚାର୍ଲସ୍ ଡ଼ି ଗାଲ ବିମାନ ବନ୍ଦର ପ୍ରସ୍ଥାନ ଟର୍ମିନାଲ-୧ ଠାରେ ନିଜ ଜୀବନ କାଳର ଅଠର ବର୍ଷ ବିତାଇ ଶେଷରେ ସେହିଠାରେ ପ୍ରାଣ ତ୍ୟାଗ କରିଛନ୍ତି । ତେବେ ଏହି ବ୍ୟକ୍ତି କିଏ ? ତାଙ୍କର ପରିଚୟ କ'ଣ ? ତାଙ୍କର ଉଦେଶ୍ୟ କ'ଣ ? ତାଙ୍କ ବିଷୟରେ ଚାଲନ୍ତୁ କିଛି ଜାଣି ନେବା ।

ମେହେରାନ୍ କରିମ୍ ନସେରୀ ବା ସାର୍ ଅର୍ଲଫ୍ରେଡ୍ ମେହେରାନ୍ ନାମକ ଜଣେ ଇରାନ ଦେଶର ନାଗରିକ ୧୯୭୭ ମସିହାରେ ଇରାନ ଦେଶର ଶାସନ ମୁଖ୍ୟ ମହମ୍ମଦ ରେଜା ଶାହାଙ୍କ ବିରୁଦ୍ଧରେ ରାଜନୈତିକ ବିରୋଧ କରିବା ଅପରାଧରେ ତାଙ୍କୁ ଇରାନ ଦେଶରୁ ବହିଷ୍କାର କରା ଯାଇଥିଲା । ସେ ସେଥି ପାଇଁ ଅନେକ ବିରୋଧ କରି ବିଫଳ ହେବା ପରେ ସେ ଅନେକ ଗୁଡିଏ ଦେଶରେ ଶରଣାର୍ଥୀ ଭାବେ ରହିବା ପାଇଁ ଆବେଦନ କରିଥିଲେ ଶେଷରେ ମିଳିତ ଜାତିସଂଘର ଉଚ୍ଚାୟୁକ୍ତଙ୍କ ହସ୍ତକ୍ଷେପ ପରେ ତାଙ୍କୁ ବେଲଜିୟମ୍ ଦେଶରେ ଶରଣାର୍ଥୀ ମାନ୍ୟତା ପ୍ରଦାନ କରି ବେଲଜିୟମ୍ ଦେଶରେ ଅବସ୍ଥାପିତ କରା ଯାଇଥିଲା , ଏହାଦ୍ୱାରା ତାଙ୍କର ଅନେକ ୟୁରୋପୀୟ ଦେଶକୁ ଯାଇ ପାରିବାର ସୁଯୋଗ ଥିଲା ବୋଲି କୁହାଯାଉଛି । ତେବେ ଅନେକେ କହୁଛନ୍ତି ଯେ, ତାଙ୍କୁ ଆଦୌ ଇରାନ ଦେଶରୁ ବହିଷ୍କାର କରାଯାଇ ନ'ଥିଲା, ଏହା ଆଜି ପର୍ଯ୍ୟନ୍ତ ଏକ ବିବାଦୀୟ ବିଷୟ ହୋଇ ରହିଛି ।

ସେ ଅନାୟାସରେ ବ୍ରିଟେନ୍ ଏବଂ ଫ୍ରାନ୍ସ ମଧ୍ୟରେ ଯାତାୟାତ କରି ପାରୁଥିଲେ, କିନ୍ତୁ ୧୯୮୮ ମସିହାରେ ଯେତେବେଳେ ତାଙ୍କର ବ୍ରିଫ୍ କେଶ ଚୋରି ହୋଇଗଲା ବୋଲି ଏକ ଅଭିଯୋଗ ହୋଇଥିଲା ଏବଂ ସେଥିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିଲା ଯେଉଁଥିରେ କି ତାଙ୍କର ଶରଣାର୍ଥୀ ହେବାର ପ୍ରମାଣ ପତ୍ର ଇତ୍ୟାଦି କାଗଜ ରହିଥିଲା । ବିଶ୍ୱସ୍ତ ସୂତ୍ରରୁ ଜଣାପଡେ ଯେ ସେ, ସେ ବ୍ରିଟେନକୁ ଏକ ଜାହାଜରେ ଯାଉଥିବା ସମୟରେ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଗୁଡିକ ଇ: ମେଲ ଜରିଆରେ ବ୍ରୁସେଲସ୍ ପଠାଇ ଦେଇଥିଲେ , ହୁଏତ ସେ ଜାଣିଶୁଣି ନିଜର କାଗଜପତ୍ର ନଷ୍ଟ କରି ଦେଇଥାଇପାରନ୍ତି କିମ୍ବା ଜାହାଜରୁ ବ୍ରିଫ୍ କେଶ ଟିକୁ ସମୁଦ୍ର ବକ୍ଷରେ ନିକ୍ଷେପ କରିଦେଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ସେ ଲଣ୍ଡନ ବନ୍ଦରରେ ପହଂଚିବା ପରେ ବ୍ରିଟିଶ ଇମିଗ୍ରେସନ୍ ବିଭାଗ ତାଙ୍କୁ ବୈଧ କାଗଜପତ୍ର ମାଗିଥିଲେ କିନ୍ତୁ ସେ କାଗଜପତ୍ର, ପାସ୍ପୋର୍ଟ ଦେବାକୁ ଅସମର୍ଥ ହେବାରୁ ବାଧ ହୋଇ ଇମିଗ୍ରେସନ୍ ଅଧିକାରୀ ତାଙ୍କୁ ବ୍ରିଟେନ୍ ମଧ୍ୟରେ ପ୍ରବେଶ ଅନୁମତି ଦେଇ ନ'ଥିଲେ ତଥା ତାଙ୍କୁ ବିମାନ ଯୋଗେ ଫ୍ରାନ୍ସ ର ପ୍ୟାରିସ୍ ବିମାନ ବନ୍ଦରକୁ ପଠାଇ ଦେଇଥିଲେ । ପ୍ୟାରିସ୍ ବିମାନ ବନ୍ଦରରେ ସେ ନିଜର ପରିଚୟ, ପାସ୍ପୋର୍ଟ କିମ୍ବା ଶରଣାର୍ଥୀ ଚିହ୍ନଟ କାଗଜ ପତ୍ର ଦେଖାଇ ବାକୁ ଅସମର୍ଥ ହେବାରୁ ତାଙ୍କୁ ଚାର୍ଲସ୍ ଡ଼ି ଗାଲ ବିମାନ ବନ୍ଦର ଟର୍ମିନାଲ୍ ଠାରେ ଅଟକ ରଖା ଯାଇଥିଲା ।

ପରବର୍ତ୍ତୀ ସମୟରେ ଫ୍ରାନ୍ସର ମାନବାଧିକାର ଓକିଲ ଖ୍ରୀଷ୍ଟିଆନ ବୋର୍ଜେଟଙ୍କ ଦ୍ୱାରା ତାଙ୍କ କେସ୍ ସରକାରଙ୍କ ଠାରେ ଉପସ୍ଥାପିତ କରା ଯାଇଥିଲା , ଏହାପରେ ବେଲଜିୟମ୍‌ରୁ ନୂତନ କାଗଜ ପତ୍ର ଜାରି କରିବାକୁ ବେଲଜିୟମ୍ ସରକାରଙ୍କୁ ଅନୁରୋଧ ମଧ୍ୟ କରା ଯାଇଥିଲା । ବେଲଜିୟମ୍ କର୍ତ୍ତୃପକ୍ଷ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜିର ହେବାକୁ ନିର୍ଦ୍ଦେଶ ଦେଇ ଥିଲେ , କିନ୍ତୁ କାଳକ୍ଷେପଣ ନୀତି ଯୋଗୁ ସମୟ ଗଡି ଗଡି ଚାଲି ଥିଲା ଏବଂ ମେହେରାନ୍ ନସେରୀ ବିମାନ ବନ୍ଦର ଛାଡି ଅନ୍ୟ କେଉଁଠାକୁ ଯିବାପାଇଁ ରାଜି ନ'ହେବାରୁ ବାଧ ହୋଇ କର୍ତ୍ତୃପକ୍ଷ ତାଙ୍କୁ ଚାର୍ଲସ୍ ଡ଼ି ଗୁଲ ବିମାନ ବନ୍ଦର ଟର୍ମିନାଲ-୧ ଠାରେ ଅସ୍ଥାୟୀ ଭାବେ ରହିବାକୁ ଅନୁମତି ଦେଇଥିଲେ । ତାଙ୍କ ପରି ଜଣେ ବିବାଦୀୟ ବ୍ୟକ୍ତିଙ୍କ ପାଇଁ ଫ୍ରାନ୍ସ ସରକାର ମଧ୍ୟ ଅଡୁଆରେ ପଡି ଯାଇଥିଲେ । ୧୯୯୫ ମସିହାରେ ବେଲଜିୟମ୍ ସରକାର ଗୋଟିଏ ସର୍ତ୍ତରେ ମେହେରାନ୍‌ଙ୍କୁ ବେଲଜିୟମ୍ ପ୍ରବେଶ ଅନୁମତି ଦେଇଥିଲେ, ତାହା ଏହିପରି ଥିଲା ଯେ, ମେହେରାନ୍ ଯେତେଦିନ ବେଲଜିୟମ୍‌ରେ ରହିବେ ସେତେଦିନ ଜଣେ ସାମାଜିକ କର୍ମୀ ତାଙ୍କ ସହିତ ରହିବେ । ମେହେରାନ୍‌ଙ୍କ ଉଦ୍ଦେଶ୍ୟ ଥିଲା ସେ ଯେକୌଣସି ଉପାୟରେ ବ୍ରିଟେନରେ ପ୍ରବେଶ କରିବେ ତେଣୁ ସେ ବେଲଜିୟମ୍ ସରକାରଙ୍କ ସର୍ତ୍ତକୁ ଅସ୍ୱୀକାର କରିଥିଲେ, ପରବର୍ତ୍ତୀ ସମୟରେ ଫ୍ରାନ୍ସ ଏବଂ ବ୍ରିଟେନ୍ ତାଙ୍କୁ ଇରାନୀୟ ଶରଣାର୍ଥୀ ଭାବେ ତାଲିକା ଭୁକ୍ତ କରିଥିଲେ ସେଥିରେ ସେ କ୍ଷୁବ୍ଧ ହୋଇଥଲେ, କାରଣ ସେ ବ୍ରିଟିଶ ହେବାକୁ ଚାହୁଁଥିଲେ ତଥା ତାଙ୍କ ନାମ ସରକାରୀ ଦସ୍ତାବିଜରେ ''ସାର୍ ଆଲଫ୍ରେଡ୍ ମେହେରାନ୍' ଲେଖାଯାଇ ନ'ଥିବାରୁ ସେ କୌଣସି ଦସ୍ତାବିଜରେ ନିଜର ଦସ୍ତଖତ୍ ଦେବାକୁ ମନା କରି ଦେଇଥିଲେ, ଫଳରେ ତାଙ୍କ ଓକିଲ ବୁର୍ଜେଟଙ୍କ ହତାଶାର କାରଣ ହୋଇଥିଲା । ଚାରୋଟି ଦେଶର ମୁଣ୍ଡ ବିନ୍ଧାର କାରଣ ମେହେରାନ୍ କିନ୍ତୁ ନିଶ୍ଚିନ୍ତରେ ଚାର୍ଲସ୍ ଡ଼ି ଗୁଲେ ବିମାନ ବନ୍ଦରର ଟର୍ମିନାଲ-୧ ଠାରେ ଫୁର୍ତ୍ତି ଅବସ୍ଥାନ କରୁଥିଲେ । ଯେତେ ବେଳେ ନାସେରୀଙ୍କ ଅବସ୍ଥା ବିଷୟରେ ତାଙ୍କ ପରିବାର ସହିତ ଯୋଗାଯୋଗ କରା ଯାଇଥିଲା, ତାଙ୍କ ପରିବାର କହିଥିଲେ ଯେ, ସେ ଚାହୁଁଥିବା ଜୀବନ ବିତାଉଛନ୍ତି ସେଥିରେ ସେମାନଙ୍କର କିଛି କହିବାର ନାହିଁ କିମ୍ବା ଆପତ୍ତି କରିବାର ନାହିଁ । ବିଚିତ୍ର ବ୍ୟକ୍ତି ଏବଂ ବିଚିତ୍ର ତାଙ୍କ ପରିବାର ଲୋକଙ୍କ ଉତ୍ତର । ବିମାନ ବନ୍ଦରରେ ନାସେରୀ ଙ୍କର ୧୮ ବର୍ଷ ରହଣି ଜୁଲାଇ ୨୦୦୬ ମସିହାରେ ରେ ସମାପ୍ତ ହୋଇଥିଲା, ଏହାର କାରଣ ସେ ଅସୁସ୍ଥ ହୋଇ ପଡ଼ିଥିଲେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା ଏବଂ ଚାର୍ଲସ୍ ଡ଼ି ଗୁଲେ ବିମାନ ବନ୍ଦର ଟର୍ମିନାଲ -୧ ଠାରେ ତାଙ୍କ ବସିବା ସ୍ଥାନକୁ ଭାଙ୍ଗି ଦିଆ ଯାଇଥିଲା । ୨୦୦୭ ମସିହା ଜାନୁଆରୀ ଶେଷ ସପ୍ତାହରେ ସେ ହାସ୍ପାତାଳରୁ ବାହାରିବା ପରେ ଫ୍ରାନ୍ସ ରେଡକ୍ରସ୍ ବିମାନ ବନ୍ଦର ଶାଖା ତାଙ୍କର ତତ୍ତ୍ୱାବଧାନ ନେଉ ଥିଲେ, ପରବର୍ତ୍ତୀ ସମୟରେ ସେ କିଛିଦିନ ବିମାନ ବନ୍ଦର ହୋଟେଲ୍ ଠାରେ ଅବସ୍ଥାନ କରୁଥିଲେ, ୦୬ ମାର୍ଚ୍ଚ ୨୦୦୭ ମସିହାରେ ଦିନ ତାଙ୍କୁ ପ୍ୟାରିସ୍ ର ୨୦ତମ ଆରେଣ୍ଡିସମେଣ୍ଟରେ ଏକ ଏମାଉସ୍ ଚାରିଟି ରିସେପ୍ସନ୍ ସେଣ୍ଟରକୁ ସ୍ଥାନାନ୍ତର କରା ଯାଇଥିଲା। ୨୦୦୮ ମସିହା ପର୍ଯ୍ୟନ୍ତ ସେ ପ୍ୟାରିସ୍ ଆଶ୍ରୟ ସ୍ଥଳୀରେ ରହୁଥିଲେ। ଆସୋସିଏଟେଡ୍ ପ୍ରେସ ରିପୋର୍ଟ ଅନୁଯାୟୀ ତାଙ୍କର ଦେହାନ୍ତ ହେବା ପୂର୍ବରୁ ସେ ପୁନଶ୍ଚ ବିମାନ ବନ୍ଦର ଫେରି ଆସିଥିଲେ ଏବଂ ୧୨ ନଭେମ୍ବର ୨୦୨୨ ମସିହାରେ ବିମାନ ବନ୍ଦର ଠାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା, ସେତେ ବେଳେ ତାଙ୍କୁ ୭୭ ବର୍ଷ ହୋଇଥିଲା। ଏକ ବିବାଦୀୟ ବ୍ୟକ୍ତିଙ୍କ ମୃତ୍ୟୁ ତଥା ସରକାଙ୍କ ମୁଣ୍ଡ ବିନ୍ଧାର ସମାପ୍ତି ଘଟିଲା ବୋଲି କୁହା ଯାଇପାରେ । ଖବର ମିଳେ ତାଙ୍କ ନାମରେ କୋଟି କୋଟି ଟଙ୍କାର କିଛି ଚଳଚିତ୍ର ମଧ୍ୟ ନିର୍ମାଣ ହୋଇଛି , ସେ ଯାହା ହେଉନା କାହିଁକି ଏହିପରି ଧୈର୍ଯ୍ୟଶୀଳ, ନିଜ ପାଇଁ ଲଢ଼ି ପାରୁଥିବା, ସ୍ୱାଭିମାନୀ, ନିଜ ଜିଦରେ ଅଟଳ ଥିବା ବ୍ୟକ୍ତି ଦେଖିବା ବିରଳ ।

# ଝୁରୁଛି ଏମାଟି ପ୍ରାଣକୃଷ୍ଣ ପଢିହାରୀଙ୍କୁ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦ,
ଜଗତସିଂହପୁର,
ମୋ - ୯୯୩୭୧୫୧୦୫୨

ଆମ ଦେଶର ସ୍ୱାଧୀନତା ସଂଗ୍ରାମର ଇତିହାସ ପର୍ଯ୍ୟାଲୋଚନା କଲେ ଅନେକ ବିଦ୍ରୋହ, ସଂଗ୍ରାମ ତଥା ଲୁହ ଆଉ ଲହୁର କଥା ସାମ୍ନାକୁ ଆସେ । ସେହି ଆନ୍ଦୋଳନରେ ସାମିଲ ହୋଇଥିବା ମହାନ୍ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶପ୍ରେମ, କର୍ତ୍ତବ୍ୟନିଷ୍ଠା, ଧୈର୍ଯ୍ୟ ଏବଂ ଚରମତ୍ୟାଗର ପଟ୍ଟାନ୍ତର ନାହିଁ । ସେମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ସେମାନେ ଅପାଶୋରା ହୋଇରହିବେ । ଜନ ମାନସରେ ସେମାନଙ୍କ ଆଦର୍ଶ ସବୁଦିନ ପାଇଁ ଉଜ୍ଜିବୀତ ହୋଇରହିବ । ଦେଶପାଇଁ ଓ ଜାତିପାଇଁ ଏହିପରି ସମର୍ପିତ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରାଣକୃଷ୍ଣ ପଢିହାରୀ, ପରବର୍ତ୍ତୀ ପର୍ଯ୍ୟାୟରେ ଯିଏ ନିଜର ଆଦର୍ଶ, ତ୍ୟାଗ ଓ ପ୍ରତିଷ୍ଠା ବଳରେ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ଭାବେ ସମସ୍ତଙ୍କ ପାଖରେ ସୁପରିଚିତ ହୋଇପାରିଥିଲେ ।

ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ ଜଗତସିଂହପୁରର ଜୟବଡ ଗ୍ରାମରେ ୧୮୮୩ ମସିହା ଜାନୁଆରୀ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା କାଳିନ୍ଦୀ ଚରଣ ପଢିହାରୀ ଓ ମାତାଙ୍କ ନାମ ଥିଲା ପଟଦେବୀ । ପ୍ରାଥମିକ ଶିକ୍ଷା ଶେଷପରେ ପ୍ରାଣକୃଷ୍ଣ କଟକ ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲରେ ନାମ ଲେଖାଇଲେ । ଜଣେ ମେଧାବୀ ଛାତ୍ର ହିସାବରେ ତାଙ୍କର ସୁନାମ ଥିଲା । ସେହି ସମୟରେ ଉତ୍କଳଗୌରବ ମଧୁସୂଦନ ଦାସ ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ । ପ୍ରାଣକୃଷ୍ଣଙ୍କ ପାଠପଢାରେ ସନ୍ତୁଷ୍ଟ ହୋଇ ସେ ତାଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ । ଖାଲି ସେତିକି ନୁହେଁ ସେତିକିବେଳେ ମଧୁସୂଦନଙ୍କ ସହ କବିବର ରାଧାନାଥଙ୍କ ସଂସ୍ପର୍ଶରେ ଆସିଥିଲେ ସେ । ଏ ଦୁଇଜଣ ବିଶିଷ୍ଟ ବରପୁତ୍ରମାନଙ୍କ ବ୍ୟକ୍ତିତ୍ୱର ଚୁମ୍ବକରେ ସେ ହେଲେ ଆକର୍ଷିତ ଏବଂ ଏଇଠି ତାଙ୍କର ସୃଜନଶୀଳତାର ଭିତ୍ତି ସ୍ଥାପନ ହୋଇଥିଲା ।

୧୯୨୧ ମସିହାର କଥା । ସେତେବେଳେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ସାରା ଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ । ସେହି ସମୟରେ ସଂଗ୍ରାମୀ ଭାଗୀରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ଜାତୀୟ କବି ବୀର କିଶୋର ସରକାରୀ ଚାକିରି ଛାଡି ଚାଲି ଆସିଥାଆନ୍ତି । ସେହି ସମୟରେ ପ୍ରାଣକୃଷ୍ଣ ସ୍ଥାନୀୟ ନେତୃବର୍ଗଙ୍କ ସହ ମିଶି କଂଗ୍ରେସ ସଭାସମିତିରେ ଯୋଗଦେଲେ । ଏସବୁ କଥା ଇଂରେଜ ସରକାରଙ୍କ ଦୃଷ୍ଟିକୁ ଆସିଲା ଓ ତାଙ୍କୁ ଯାଜପୁର ବଦଳି କରଗଲା । ସ୍ୱାଧୀନଚେତା ପ୍ରାଣକୃଷ୍ଣ ଦବିଯିବାର ଲୋକ ନଥିଲେ । ଏଭଳି ଘଟଣାର ପ୍ରତିବାଦରେ ୧୯୨୧ ମସିହା ଜୁଲାଇ ୧୭ ତାରିଖରେ ସେ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବେ ଯୋଗଦେଲେ । ସରକାରୀ ଚାକିରି ନଛାଡିବା ପାଇଁ ତାଙ୍କୁ ବହୁ ବନ୍ଧୁ ପରାମର୍ଶ ଦେଇଥିଲେ । ମାତ୍ର ସ୍ୱଦେଶପ୍ରେମୀ ପ୍ରାଣକୃଷ୍ଣ ତାଙ୍କ ନିଷ୍ପତିରେ ଅଟଳ ରହିଲେ । ଏହି ପରିସ୍ଥିତିରେ ତାଙ୍କ ସ୍ତ୍ରୀ ଗୁଣମଣି ଦେବୀ ତାଙ୍କୁ ପ୍ରେରଣା ଦେଇ କହିଥିଲେ - "ଆମର ଏମିତି ଗୋଲାମି ଦରକାର ନାହିଁ । ମୁଁ ପିଲା ଓ ଘର ଖବର ବୁଝିବି" । ଏହାପରେ ପ୍ରାଣକୃଷ୍ଣ ପଢିହାରୀଙ୍କ ଘର ସତକୁ ସତ ଏକ ଆଶ୍ରମ ପାଲଟିଗଲା । ଏହିଠାରେ ଭାଗୀରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଏକଜୁଟ ହୋଇ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେଉଥିଲେ । ଏପରିକି ଅଧିକାଂଶ ସମୟ ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀ ତାଙ୍କ ଘରେ ରହୁଥିଲେ । ସମସ୍ତଙ୍କୁ ଆତିଥେୟତା ପ୍ରଦାନ କରିବାରେ ଲାଗିପଡୁଥିଲେ ଗୁଣମଣି ଦେବୀ ଜଣେ ଆଦର୍ଶ ପତିର ଆଦର୍ଶ ପତ୍ନୀ ଭାବେ ।

ସ୍ୱାଧୀନତା ସଂଗ୍ରାମ ସହ "ଅଳକାଶ୍ରମ"ର ସମ୍ପର୍କ ଆମ ସମସ୍ତଙ୍କୁ ଜଣା । ଏହି ଆଶ୍ରମ ଇତିହାସ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ପାଇଛି । ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଶୁଭ ଉଦ୍‌ଘାଟିତ ହୋଇଥିଲା । ଜଗତସିଂହପୁର ଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ବର୍ତ୍ତମାନ ମୃତ ଅଳକାନଈର ଉତ୍ତର ପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ । ଏଥିପାଇଁ ଜମି ଦାନ କରିଥିଲେ ଚାଟ୍ରା ଗ୍ରାମର ଭାଗୀରଥି ମହାପାତ୍ର ଓ ବଂଶୀଧର ପଟ୍ଟନାୟକ । ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ । ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ ପଣ୍ଡିତ ପ୍ରାଣକୃଷ୍ଣ । ସେହି ସମୟରେ କଟକ କାଠଯୋଡି ନଈବାଲିରେ ଗାନ୍ଧିଜୀ ଗୋଟିଏ ସଭା କରୁଥାନ୍ତି । ସ୍ୱାଧୀନତା ଆନ୍ଦୋଳନ ଚାଲୁରଖିବା ପାଇଁ କିପରି ପାଣ୍ଠି ସଂଗ୍ରହ କରାଯିବ ସେ ବିଷୟରେ ଆଲୋଚନା କରାଗଲା । ଏକଥା ଶୁଣି ପଢିହାରୀ ଗାନ୍ଧିଜୀଙ୍କ ପାଖକୁ ଯାଇ କହିଲେ - "ଆଜ୍ଞା ମୋତେ ଆପଣ ଅନୁମତି ଦିଅନ୍ତୁ, ମୁଁ ଆମ ଅଞ୍ଚଳରୁ ପାଣ୍ଠି ସଂଗ୍ରହ କରିବି" । ଏକଥା କେବଳ କଥାରେ ନୁହେଁ, କାର୍ଯ୍ୟରେ କରି ଦେଖାଇଥିଲେ ସେ । ଏପରିକି ନିଜ ସ୍ତ୍ରୀ ବାପଘରୁ ଆଣିଥିବା ଚାରିଭରିର ହାରଟିକୁ ସ୍ୱାଧୀନତା ସଂଗ୍ରାମ ପାଣ୍ଠିକୁ ଦାନକରି ସେତେବେଳେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲେ । କେବଳ ସେତିକି ନୁହେଁ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଅଂଶଗ୍ରହଣ କରି ସେ ସର୍ବମୋଟ ନଅଥର କାରାବରଣ କରିଥିଲେ ଓ ଏହି ସମୟ ମଧ୍ୟରେ ଜେଲ୍‌ରେ କଟିଥିଲା ଦୀର୍ଘ ପାଞ୍ଚ ବର୍ଷ । ଏଥିରୁ ତାଙ୍କ ତ୍ୟାଗପୁତ ଓ ସଂଗ୍ରାମୀ ଜୀବନର ସ୍ପଷ୍ଟ ଆଭାସ ମିଳେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା । ପଢିହାରୀଙ୍କ ଖୁସି କହିଲେ ନସରେ । ଏହି ଖୁସିକୁ ବାଣ୍ଟିବା ପାଇଁ ପ୍ରାଣକୃଷ୍ଣ ନିଜର ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ପାଖରେ କ୍ଷୀରିଖେଚେଡି କରି ବହୁଲୋକଙ୍କୁ ମହାପ୍ରସାଦ ସେବନ କରାଇଥିଲେ । ୧୯୫୨ ମସିହା ଡିସେମ୍ବର ୨୫ ତାରିଖରେ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ମିଶି ଓଡିଶାରେ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରାରେ ସେମାନେ ଦୁଇହଜାର ମାଇଲ ବାଟ ପାଦରେ ଚାଲିଥିଲେ । ପରେ ୧୯୫୫ ମସିହାରେ ସର୍ବୋଦୟ ନେତା ବିନୋବା ଭାବେଙ୍କ ସହ ମଧ୍ୟ ଭୂଦାନ ପଦଯାତ୍ରା କରି ଲୋକଙ୍କୁ ଭୂଦାନ କରିବାକୁ ବୁଝାଇଥିଲେ ଓ ସଫଳ ମଧ୍ୟ ହୋଇଥିଲେ । ଫଳସ୍ୱରୂପ ଲୋକଙ୍କ ପାଖରୁ ଏକ ହଜାର ଏକର ଜମି ସଂଗ୍ରହ କରି ଭୂଦାନ ମେଳା କରାଇଥିଲେ । ଏଥିସହିତ ଶିକ୍ଷାର ପ୍ରସାର ପାଇଁ ସେ ସର୍ବଦା ଚିନ୍ତିତ ଥିଲେ । ପ୍ରାଥମିକ ପର୍ଯ୍ୟାୟରେ ସେ ଅକ୍ଳାନ୍ତ ଉଦ୍ୟମ କରି ଜୟବଡ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କଲେ । ଏଥିପାଇଁ ଉଦ୍ଦିଷ୍ଟ ଜମି ସେ ଦେଇଥିଲେ । ସେତେବେଳେ ଜଗତସିଂହପୁରରେ ଆଶୁ ଚିକିତ୍ସାର କୌଣସି ବ୍ୟବସ୍ଥା ନଥିଲା । ତେଣୁ, ଲୋକମାନେ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଥିଲେ । ତାଙ୍କରି ପ୍ରଚେଷ୍ଟାରେ ଜଗତସିଂହପରରେ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଖୋଲିଲା । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ପାଇଛି । ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ସମ୍ପାଦକ ରୂପେ ସେ ମୃତ୍ୟୁପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏତଦ୍‌ବ୍ୟତୀତ ସେ କଟକ ସି.ଟି ହସପିଟାଲ୍‌ର ସମ୍ପାଦକ ମଧ୍ୟ ଥିଲେ ।

ଏହିପରି ଏକ କର୍ମମୟ ଓ ଘଟଣାବହୁଳ ଜୀବନର ଅବସାନ ଘଟିଲା ୧୯୫୮ ମସିହା ଅଗଷ୍ଟ ୮ ତାରିଖରେ । ଆଜି ପ୍ରାଣକୃଷ୍ଣ ପଢିହାରୀ ଆମ ଗହଣରେ ନାହାନ୍ତି । ଉତ୍ତରପିଢି କ୍ରମଶଃ ତାଙ୍କୁ ଭୁଲିଯିବାକୁ ବସିଲେଣି । ତଥାପି ତାଙ୍କ ସ୍ୱଦେଶପ୍ରୀତି, ମାନବପ୍ରୀତି ଓ ଉଦାରଭାବ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । କଟକର ଗୌରୀଶଙ୍କର ପାର୍କ ଠାରେ ଥିବା ପଢିହାରୀ ପାଠାଗାର, ଜୟବଡ ପ୍ରାଥମିକ ବିଦ୍ୟାଳୟ ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବେବି ଝୁରୁଛି ସେହି ମହାନ୍ ବ୍ୟକ୍ତିତ୍ୱଙ୍କୁ - ଆଉ ଝୁରୁଥିବ କାଳକାଳକୁ ।

# ସମସ୍ୟାର ସାମ୍ନା କରିବା ପାଇଁ ଲୋଡ଼ା ସାହସ



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ସୁଖର ସୌଦାଗର ହୋଇପାରିନଥାନ୍ତି ଅନେକ ଓ ଅନେକଙ୍କ ଉପରେ ଲଦା ହୋଇଥାଏ ଦୁଃଖର ପାହାଡ଼ଟିଏ ଯେମିତି । କଳାପାହାଡ଼ରୂପୀ ଦୁଃଖ ମଣିଷକୁ ଆକ୍ରାମାକ୍ରା କରେ ଅହରହ । ସେଇ ଦୁଃଖର ଷଣ୍ଢଆସି ଆକ୍ରମଣରେ ଲହୁଲୁହାଣ ବି ହୁଅନ୍ତି । ଦୁଃଖକୁ କାନ୍ଧେଇ ଛୋଟେଇ ଛୋଟେଇ ଚାଲିଥାନ୍ତି ଦୁଃଖ । ସମସ୍ୟା ଘେରରେ ସାଙ୍କୁଡ଼ି ରହିଥିବା ନିରୀହ ଦୁଃଖୀ । ବିବିଧ ସମସ୍ୟା ପୁଣି ଆଣିଦେଇଥାଏ ଅନେକ ଦୁଃଖ। ସମସ୍ୟା ଓ ଦୁଃଖ ପରସ୍ପରର ପରିପୂରକ ମନେହୁଏ ଅନେକଙ୍କ ପାଇଁ । ସମସ୍ୟା ବିନା ଦୁଃଖ ନାହିଁ, ଦୁଃଖ ବିନା ସମସ୍ୟା ନାହିଁ । କୌଣସି ସମସ୍ୟା ଦୁଃଖରହିତ ନ ଥାଏ କି ସମସ୍ୟାରହିତ ଦୁଃଖ ନ ଥାଏ । ଅନ୍ୟ ପ୍ରକାରେ କୁହାଯାଇପାରେ ସମସ୍ୟାମୁକ୍ତ ଦୁଃଖ ବା ଦୁଃଖମୁକ୍ତ ସମସ୍ୟା କଥା ଅକଳ୍ପନୀୟ । ଅଚିନ୍ତନୀୟ । ସମସ୍ୟାର ରୂପ ଓ ରଙ୍ଗ ପୁଣି ଥାଏ ବିବିଧ ରକମର । ସମସ୍ତଙ୍କ ସମସ୍ୟା ନଥାଏ ସମାନ । କାହାର କମ କାହାର ବେଶି ଓ କିଛି ନା କିଛି ସମସ୍ୟା ଥାଏ ସମସ୍ତଙ୍କ । ସମସ୍ତେ ଥାନ୍ତି ସମସ୍ୟା ଜର୍ଜରିତ । ନ ଥାନ୍ତି କେହି ସମସ୍ୟାମୁକ୍ତ । ଏବେ ଚାଲିଛି ଶୀତ ଋତୁ । ରାତି ମାଖୁଛି କାକର ନିତି । ଶୀତ ରାତି ଶୋଉଛି କାକର ଶେଯରେ । କୁହୁଡ଼ିର ଚିତ୍ର ଶୀତ ସକାଳେ ଅତି ସାଧାରଣ । ମର୍ଣ୍ଣିଙ୍ଗ ଓ୍ୱାକରେ ଶୀତ ସକାଳେ ଗଲେ ମାନେ ବୁଲି ବାହାରିଲେ ଥଣ୍ଡା କାଶ ସର୍ଦ୍ଦିର ଶିକାର ହୁଅନ୍ତି କେହି କେହି । ଥଣ୍ଡା ସମସ୍ୟା ଲାଗିରହିଲେ ଦୁଃଖର କାରଣ ସାଜେ ଥଣ୍ଡା କାହା ପାଇଁ ଓ ବିବିଧ ରୋଗଜନିତ ସମସ୍ୟା ଦୁଃଖୀ କରାଏ ପୀଡ଼ିତଙ୍କୁ । ଜୀବନ ଜଂଜାଳରେ ଅଭାବୀ ସମସ୍ୟା ବି ରହେ । ଅଭାବୀ ଦୁଃଖ ଭୋଗେ ଅଭାବୀ ରହି । ଚାକିରି ବୃତ୍ତି କ୍ଷେତ୍ରରେ ସେମିତି ବୃତ୍ତିଗତ ସମସ୍ୟା ଉପୁଜିପାରେ ନାନା କାରଣରୁ ।

ଜୀବନ ଜଂଜାଳ ବଡ଼ ବିଷମ । ଜୀବନ ନଈର ଦୁଇ କୂଳ ଗୋଟେ ସୁଖ ତ ଅନ୍ୟଟି ଦୁଃଖ ହେଲେ ଜୀବନ ନଈରେ ସୁଖର ତରଙ୍ଗ ଖେଳେ କାଁ ଭାଁ । ଦୁଃଖର ଲହଡ଼ିରେ ଜୀବନ କିନ୍ତୁ ଉବୁଟୁବୁ ହେଉଥାଏ ବହୁକାଳ । ଜୀବନରେ ସହଜ ହୁଏନି ଦୁଃଖକୁ ସାମ୍ନା କରିବା । ସମସ୍ୟାର ଆବର୍ତ୍ତରୁ ନିଜକୁ ମୁକୁଳାଇବା ଓ ଅନେକ ସମୟରେ ମଣିଷ ଭାଙ୍ଗିପଡ଼େ । ଏଠି ଅନେକଙ୍କ ଶହେରୁ ସୁଖ ଭାଗେକୁ, ଦୁଃଖ ଭାଗ ଅନେଶତ । ଏଠି ଥିଲାବାଲାଙ୍କ ସ୍ଥିତି ଯାହା, ନ ଥିଲାବାଲାର ସ୍ଥିତି ଆଉରି ସଂଗୀନ। ଯେମିତି ଏ ସଂସାରରେ ସୁଖୀ ନ ଥାନ୍ତି କେହି । ସଭିଏଁ ଦୁଃଖୀ ପ୍ରାୟ। ସୁଖର ସୌଦାଗର ହୋଇପାରିନଥାନ୍ତି ଅନେକ ଓ ଅନେକଙ୍କ ଉପରେ ଲଦା ହୋଇଥାଏ ଦୁଃଖର ପାହାଡ଼ଟିଏ ଯେମିତି । କଳାପାହାଡ଼ରୂପୀ ଦୁଃଖ ମଣିଷକୁ ଆକ୍ରାମାକ୍ରା କରେ ଅହରହ । ସେଇ ଦୁଃଖର ଷଣ୍ଢଆସି ଆକ୍ରମଣରେ ଲହୁଲୁହାଣ ବି ହୁଅନ୍ତି । ଦୁଃଖକୁ କାନ୍ଧେଇ ଛୋଟେଇ ଛୋଟେଇ ଚାଲିଥାନ୍ତି ଦୁଃଖ । ସମସ୍ୟା ଘେରରେ ସାଙ୍କୁଡ଼ି ରହିଥିବା ନିରୀହ ଦୁଃଖୀ । ବିବିଧ ସମସ୍ୟା ପୁଣି ଆଣିଦେଇଥାଏ ଅନେକ ଦୁଃଖ।

ସମସ୍ୟା ଓ ଦୁଃଖ ପରସ୍ପରର ପରିପୂରକ ମନେହୁଏ ଅନେକଙ୍କ ପାଇଁ । ସମସ୍ୟା ବିନା ଦୁଃଖ ନାହିଁ, ଦୁଃଖ ବିନା ସମସ୍ୟା ନାହିଁ । କୌଣସି ସମସ୍ୟା ଦୁଃଖରହିତ ନ ଥାଏ କି ସମସ୍ୟାରହିତ ଦୁଃଖ ନ ଥାଏ । ଅନ୍ୟ ପ୍ରକାରେ କୁହାଯାଇପାରେ ସମସ୍ୟାମୁକ୍ତ ଦୁଃଖ ବା ଦୁଃଖମୁକ୍ତ ସମସ୍ୟା କଥା ଅକଳ୍ପନୀୟ । ଅଚିନ୍ତନୀୟ । ସମସ୍ୟାର ରୂପ ଓ ରଙ୍ଗ ପୁଣି ଥାଏ ବିବିଧ ରକମର । ସମସ୍ତଙ୍କ ସମସ୍ୟା ନଥାଏ ସମାନ । କାହାର କମ କାହାର ବେଶି ଓ କିଛି ନା କିଛି ସମସ୍ୟା ଥାଏ ସମସ୍ତଙ୍କ । ସମସ୍ତେ ଥାନ୍ତି ସମସ୍ୟା ଜର୍ଜରିତ । ନ ଥାନ୍ତି କେହି ସମସ୍ୟାମୁକ୍ତ । ଏବେ ଚାଲିଛି ଶୀତ ଋତୁ । ରାତି ମାଖୁଛି କାକର ନିତି । ଶୀତ ରାତି ଶୋଉଛି କାକର ଶେଯରେ । କୁହୁଡ଼ିର ଚିତ୍ର ଶୀତ ସକାଳେ ଅତି ସାଧାରଣ । ମର୍ଣ୍ଣିଙ୍ଗ ଓ୍ୱାକରେ ଶୀତ ସକାଳେ ଗଲେ ମାନେ ବୁଲି ବାହାରିଲେ ଥଣ୍ଡା କାଶ ସର୍ଦ୍ଦିର ଶିକାର ହୁଅନ୍ତି କେହି କେହି । ଥଣ୍ଡା ସମସ୍ୟା ଲାଗିରହିଲେ ଦୁଃଖର କାରଣ ସାଜେ ଥଣ୍ଡା କାହା ପାଇଁ ଓ ବିବିଧ ରୋଗଜନିତ ସମସ୍ୟା ଦୁଃଖୀ କରାଏ ପୀଡ଼ିତଙ୍କୁ । ଜୀବନ ଜଂଜାଳରେ ଅଭାବୀ ସମସ୍ୟା ବି ରହେ । ଅଭାବୀ ଦୁଃଖ ଭୋଗେ ଅଭାବୀ ରହି । ଚାକିରି ବୃତ୍ତି କ୍ଷେତ୍ରରେ ସେମିତି ବୃତ୍ତିଗତ ସମସ୍ୟା ଉପୁଜିପାରେ ନାନା କାରଣରୁ । ପୁନଶ୍ଚ ଏମିତି କିଛି ସମସ୍ୟା ନାହିଁ, ଯାହାର ସମାଧାନ ନାହିଁ ଓ ସମସ୍ୟା ଉପୁଜିଲେ ତତଜନିତ ଦୁଃସ୍ଥିତିରୁ ମୁକୁଳିବା ପାଇଁ ସମାଧାନର ବାଟ ଦେଖିବା / ଲୋଡ଼ିବା ଚାହି । କେତେବେଳେ ସହଜ ସମାଧାନ ହୋଇ ସମସ୍ୟାର ଦୂରୀକରଣ ସହସା ହେଲା ବେଳକୁ କେଉଁ ସମସ୍ୟା ଯେ ଦୂରୀକରଣରେ ଜଟିଳତା ସୃଷ୍ଟି ହୋଇ ଖୁବ ମୁଣ୍ଡବ୍ୟଥାର କାରଣ ସାଜିଥାଏ ସମସ୍ୟାରେ ଜଡ଼ସଡ଼ କାହା ପାଇଁ । ଯାହାକିଛି ସମସ୍ୟାର ସହଜ ସମାଧାନ ସୁନ୍ଦର । ସମସ୍ୟା ସମାଧାନରେ ଜଟିଳତା ସମ୍ପୃକ୍ତ ସମସ୍ତଙ୍କୁ ଘାଇଲା କରିଥାଏ । ବ୍ୟଥିତ ବି କରେ । କାହାକୁ ପୁଣି ଅଯଥା ହଇରାଣ କରିବା ଲକ୍ଷ୍ୟରେ ରହି ସମସ୍ୟା ଭିଆଣ କରାଯାଇଥାଏ । ତେବେ ସମସ୍ୟା ଯାହା ଥାଉ ଯାହା ଉପୁଜୁ, ସବୁ ସ୍ଥିତିରେ ଦମ୍ଭ ଧରି ସମସ୍ୟାର ସାମ୍ନା କରାଯିବା ଚାହି । ପୁଣି ଅସୀମ ଧୈର୍ଯ୍ୟର ସହକାରେ । ଦୁଃସ୍ଥିତିରେ ବିଚଳିତ ହେବା, ଧୈର୍ଯ୍ୟହରା ହେବା ଅସମୀଚିନ । ଧୈର୍ଯ୍ୟ ରଖାଗଲେ ହିଁ ସମସ୍ୟା ସହ ମୁହାଁମୁହିଁ ହେଇପାରନ୍ତି । ବିପଦ ବେଳେ ସାହସ ନ ହରାଇ ବରଂ ସାହସ ଜୁଟାଇବା ଉଚିତ। ବିବେକାନନ୍ଦଙ୍କ ଜୀବନୀ ପୃଷ୍ଠାରୁ କଥା କିଞ୍ଚିତ । ଥରେ ବାଳକ ନରେନକୁ ଦଉଡ଼ାଇଲା ମାଙ୍କଡ଼ଟିଏ, ବାଟରେ ବୁଢ଼ୀଟେ ନରେନକୁ କହିଲେ ବୁଲି ପଡ଼ି ଠିଆ ହେଇ ଯା' ଦେଖିବୁ ମାଙ୍କଡ଼ ଆଉ ଗୋଡ଼ାଇବ ନାହିଁ । ନରେନ ସେଇୟା ହିଁ କଲେ । ମାଙ୍କଡ଼ ଫେରିଗଲା । ସେ ଘଟଣା ନରେନଙ୍କୁ ଖୁବ ପ୍ରଭାବିତ କରିଥିଲା । ସମସ୍ୟାର ମୁହାଁମୁହିଁ ହେବା ପାଇଁ ସାହସ ଜୁଟାଇବା ଦରକାର । ତେଣୁ ବିବେକାନନ୍ଦ କହୁଥିଲେ ସମସ୍ୟା ଆଡୁ ମୁହଁ ଫେରେଇ ନେବା, ସାହସ କରି ସମସ୍ୟାର ସାମ୍ନା ନ କରିବା ଠିକ ନୁହେଁ । ଦାମ୍ଭିକତା ସହ ସମସ୍ୟାର ମୁହାଁମୁହିଁ ହେବା, ସାମ୍ନା କରାଯିବା ଉଚିତ । ତେବେ ଯାଇ ସମସ୍ୟାକୁ ବୁଝିବା ସହଜ ହୁଏ ଏବଂ ସମସ୍ୟା ସମାଧାନ କରିବାର ବାଟ ମିଳେ । ଶେଷକୁ ଅସମାହିତ ସମସ୍ୟା ସମାଧାନ ହୁଏ । ସମସ୍ୟା ସମାଧାନ ସ୍ଥିତିରେ ଖୁସି ମିଳିଥାଏ । ହାରିନଯାଇ ସମସ୍ୟାକୁ ବୁଝିବା ଦରକାର । ସେଇଥିପାଇଁ ବିବେକାନନ୍ଦ କହୁଥିଲେ - ଉଠ, ଜାଗ୍ରତ ହୁଅ । ସଫଳତା ପ୍ରାପ୍ତି ଦିଗରେ ହିଁ ରୁହ । ସାଧକ ସାଜ । ସାଧନାରେ ରୁହ । ତେବେ ସମସ୍ୟାମୁକ୍ତ ହେବା ସହଜ ନୁହଁ । ସମସ୍ୟା ଆସିବ, ସମସ୍ୟା ଯିବ । ତାକୁ ସାହସ ସହ ସାମ୍ନା କରି ସଫଳ ହେବାରେ ଥାଏ ପୁରୁଷପଣିଆ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

27 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୪ ରବିବାର





# ହତ୍ୟା ଅଭିଯୁକ୍ତକୁ ଆଜୀବନ ଜେଲ୍ ଓ ଜରିମାନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଢିଅ ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ଘଟଣାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ବିଶ୍ୱଜିତ ମହାନ୍ତି ଜଣେ ଆସାମୀକୁ ଆଜୀବନ ଜେଲ୍ ଓ ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ୧୮.୦୪.୨୦୧୪ ମସିହା ରାତି ୮ଟା ସମୟରେ ପ୍ରତାପ ଚନ୍ଦ୍ର ରାଉତ ଏବଂ ତାଙ୍କର ବାପା ଅର୍ଜୁନ ରାଉତ ତରୁଣ କୁମାର ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ଛାଡିବାକୁ ଯାଉଥିବା ସମୟରେ ଭାଗିରଥୀ ଜେନା ଏବଂ ଅନ୍ୟ ୪ ଜଣ ସଂଘବଦ୍ଧ ହୋଇ ଅର୍ଜୁନ ରାଉତଙ୍କୁ ଖଣ୍ଡା, ଭୁଜାଲି, ଶାବଳ ଦ୍ୱାରା ଆକ୍ରମଣ କରିଥିଲେ । ଏଥିରେ ଅର୍ଜୁନ ରାଉତ ସଂଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ଆଳି ଡାକ୍ତରଖାନା ଓ ପରେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ପ୍ରତାପ ରାଉତ ଆଳି ଥାନାରେ ଏତଲା ଦେଇଥିଲେ । ଆଳି ଥାନା ଅଧିକାରୀ ୧୦୪/୧୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଏଥିରେ ମୁଖ୍ୟ ଅଭିଯୁକ୍ତ ଥିବା ଭାଗିରଥୀ ବାରିକ ଏବଂ ଅନ୍ୟ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବିଚାରପତି ଜିଆର କେସ୍ ନଂ-୧୬୪/୧୪ ଏବଂ ଏସଟି କେସ୍ ନଂ-୨୩୭/୧୪ ମାମଲାର ବିଚାରକରି ୨୧ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ଆସାମୀ ଭାଗିରଥୀ ବାରିକଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ଅଭିଯୁକ୍ତମାନେ ଖଲାସ ହୋଇଥିବା ଜଣାପଡିଛି । ମାମଲାଟିକୁ ପିପି ମାନସ ରଞ୍ଜନ ବେହେରା ସରକାରଙ୍କ ତରଫରୁ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ୍ ଭିଭିପାଟ ତଥ୍ୟ ଆହରଣ କେନ୍ଦ୍ର ଉଦ୍‌ଘାଟିତ




**କଟକ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଯୋଗ୍ୟ ଭୋଟରମାନଙ୍କୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରେଲ୍ (ଇଭିଏମ୍ ଭିଭିପିଏଟି) ଯନ୍ତ୍ରର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଗୁରୁବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଇଭିଏମ୍ ଭିଭିପ୍ୟାଟ୍ ପ୍ରଦର୍ଶନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନରହରି ସେଠୀ ଏହି ଇଭିଏମ୍ ଭିଭିପିଏଟି ପ୍ରଦର୍ଶନୀ କେନ୍ଦ୍ରକୁ ଉଦ୍‌ଘାଟନ କରି ଇଭିଏମ୍ ଭିଭିପିଏଟି ଭାରତୀୟ ନିର୍ବାଚନ ସଂସ୍କାର ପ୍ରକ୍ରିୟାର ଅଂଶବିଶେଷ ବୋଲି ମତବ୍ୟକ୍ତ କରିଥିଲେ । ଏହି କେନ୍ଦ୍ରରେ ଇଭିଏମ୍ ଭିଭିପିଏଟି ସମ୍ବନ୍ଧରେ ସବିଶେଷ ତଥ୍ୟ ଆହରଣ ସହ ଯୋଗ୍ୟ ଭୋଟରମାନେ ଇଭିଏମର ବ୍ୟବହାର ସମ୍ପର୍କରେ ଅବଗତ ହୋଇପାରିବେ । ଏହା ମେସିନ ଅନଭିଜ୍ଞ ତଥା ନୂତନ ଭୋଟରମାନଙ୍କୁ ବହୁଳ ପରିମାଣରେ ସହାୟକ ହେବ । ଏହି କେନ୍ଦ୍ରରେ ଦୁଇଜଣ ବିଏଲଓଙ୍କୁ ନିଯୁକ୍ତ କରାଯାଇଛି ଯେଉଁମାନେ ସରକାରୀ ଛୁଟିଦିନଗୁଡିକ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟଦିବସ ଗୁଡିକରେ ଉପସ୍ଥିତ ରହି ଜନସାଧାରଣଙ୍କୁ ଇଭିଏମ୍‌ର ବ୍ୟବହାର, ଏହା ମାଧ୍ୟମରେ କିପରି ଭୋଟ୍ ଦିଆଯାଇପାରିବ ସେ ସମ୍ପର୍କରେ ସେଠାରେ ରଖାଯାଇଥିବା ଇଭିଏମ୍ ମେସିନ୍ ମାଧ୍ୟମରେ ବୁଝାଇବେ ଏବଂ ଭିଭିପାଟରୁ କିପରି ଚିରକୁଟ୍ ବାହାରିବ ତଥା ଭୋଟରମାନେ ନିଜର ମତଦାନ ପରେ ଏହାର କିପରି ଯାଞ୍ଚ କରିପାରିବେ ସେ ସମ୍ପର୍କରେ ମଧ୍ୟ ଏଠାରେ ଅଭିଜ୍ଞତା ହାସଲ କରିପାରିବେ । ଏହି ପ୍ରଦର୍ଶନୀ କେନ୍ଦ୍ର ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଗ୍ରାମପଞ୍ଚାୟତରେ ମଧ୍ୟ ଖୋଲାଯାଇଛି । ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବ । ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର ନିର୍ବାଚନ ଡକ୍ଟର ବିଶ୍ୱଭୂଷଣ ଉପସ୍ଥିତ ଥିଲେ ।

# ଜିଲ୍ଲା କାର୍ଯ୍ୟାଳୟ ଆଗରେ ମହିଳା ସରପଞ୍ଚଙ୍କ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧିନ କୋରନ୍ଦ ଗ୍ରାମ ପଞ୍ଚାୟତର ନିର୍ବାଚିତ ଦଳିତ ମହିଳା ସରପଞ୍ଚଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅସହଯୋଗ ଓ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ କୋରନ୍ଦ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସମର୍ଥକଙ୍କ ସହ ସରପଞ୍ଚ ଗୀତାଞ୍ଜଳୀ ସେଠୀ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏହି ପଞ୍ଚାୟତରେ ଗ୍ରାମସଭା ଦ୍ୱାରା ସ୍ଥିରିକୃତ ଓ ସରପଞ୍ଚଙ୍କ ଅନୁମୋଦିତ କାର୍ଯ୍ୟ କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯାଇଛି । ସରପଞ୍ଚଙ୍କ କୌଣସି ପ୍ରସ୍ତାବକୁ ବ୍ଲକ ପ୍ରଶାସନ ଗ୍ରହଣ କରୁନଥିବା, ଏହି ପଞ୍ଚାୟତରେ ଅଧିକ ସଂଖ୍ୟକ ଦଳିତ ଓ ଗରିବ ବ୍ୟକ୍ତି ଥିବାବେଳେ ବ୍ଲକ ପ୍ରଶାସନ ପଞ୍ଚାୟତକୁ ଏଡାଇ ଯାଇ ନିଜ ଇଛା ମୁତାବକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସରପଞ୍ଚ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ସମର୍ଥକଙ୍କ ସହ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସି ରହିଛନ୍ତି । ପଞ୍ଚାୟତର ବିଚିତ୍ର ବାରିକ, ନବଘନ ବେହେରା, ସର୍ବେଶ୍ୱର ବେହେରା, ବଂଶୀଧର ସାହୁ, ଯୁଧିଷ୍ଠିର ରାଉତ, ଚିନ୍ତାମଣି ବେହେରା, ବାଦଲ ପୁହାଣ ପ୍ରମୁଖ ଧାରଣାରେ ବସିଥିଲେ । ପ୍ରକାଶ ଥାଉକି, ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଜଣ ଡେପୁଟି କଲେକ୍ଟର ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ସରପଞ୍ଚଙ୍କ ସହିତ ସମର୍ଥକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ ।

# କୁଞ୍ଜବିହାରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ପ୍ରତିଯୋଗିତା

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରାଳୟ ଆନୁକୂଲ୍ୟରେ ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନିଯାୟୀ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ସର୍ଜନାତ୍ମକ ସଭାର ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ କୁଞ୍ଜବିହାରୀ ମହାବିଦ୍ୟାଳୟର ପ୍ରତାପ କୁମାର ସ୍ୱାଇଁ ସଭାମଣ୍ଡନ କରିଥିଲେ । ନୋଡାଲ ଅଫିସର ମହମ୍ମଦ ନିଜାମୁଦ୍ଦିନ, ଡକ୍ଟର ସନ୍ତୋଷ ମିଶ୍ର, ଡକ୍ଟର ରେବତୀ ରଞ୍ଜନ ବେହେରା, ଡକ୍ଟର ସସ୍ମିତା ତ୍ରିପାଠୀ, ତାଜମୁନି ବେଗମଙ୍କ ସହିତ ବହୁ ଛାତ୍ରଛାତ୍ରୀ ରଚନା ଲିଖନ, କବିତା ଲିଖନ ଓ କବିତା ପଠନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ:ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ତରଫରୁ ନାଟକ 'ମାଉସୀ ମା' ମଞ୍ଚସ୍ଥ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଜାନୁୟାରୀ ୧୭ ତାରିଖରେ ଶ୍ରୀକ୍ଷେତ୍ର ଧାମରେ ଅନନ୍ୟ ଐତିହାସିକ କାର୍ଯ୍ୟକ୍ରମ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ପାଳନ ଅବସରରେ ଭଦ୍ରକ ଜିଲ୍ଲାର ପୁରପଲ୍ଲୀରେ ଆଧ୍ୟାତ୍ମିକ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦ୍ରକ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଆକାଡ଼େମୀ ତରଫରୁ ଭଦ୍ରକ ଟାଉନ୍ ହଲ୍‌ରେ ଏକ ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର ଖ୍ୟାତନାମା ନାଟ୍ୟାନୁଷ୍ଠାନ କନକ୍ ବିଦ୍ୟା ସୃଜନାନୁଷ୍ଠାନ ଦ୍ୱାରା ଜଗନ୍ନାଥ ସଂସ୍କୃତି ଆଧାରିତ ନାଟକ 'ମାଉସୀ ମା' ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜକ ଶୁଭକାନ୍ତ ପାଢ଼ୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଇଞ୍ଜିନିୟର ନାଟ୍ୟାଭିନେତା ରୋଟାରିଆନ ଅମ୍ବିକା ବଲ୍ଲଭ ସ୍ୱାଇଁ, ସାମ୍ବାଦିକ, ଓକିଲ, ରୋଟାରିଆନ ଅତିସ୍ ବେହେରା ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ମାଉସୀମା ଅଧ୍ୟାୟକୁ ନାଟ୍ୟାଭିନୟରେ ଦେଖିବା ପାଇଁ ନାଟ୍ୟପ୍ରେମୀ ମାନଙ୍କ ଉତ୍ସାହ ଉପରେ ଆଲୋକପାତ କରିଥିଲେ । ଭଦ୍ରକର ସାଂସ୍କୃତିକ ନାଟ୍ୟାନୁଷ୍ଠାନ ନଟରାଜର କର୍ମକର୍ତ୍ତା, ସଦସ୍ୟ ଓ ନାଟ୍ୟାଭିନେତାମାନେ ଏହି ନାଟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ୧୨ ଜଣ କଳାକାରଙ୍କୁ ନେଇ ଉଚ୍ଚ କୋଟୀର ନାଟକ ପରିବେଷଣକୁ ପ୍ରଶଂସା କରିଥିଲେ । ନାଟ୍ୟକାର କବିତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ଦ୍ୱାରା ରଚିତ ଏହି ନାଟକକୁ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ । ସମାଜସେବୀ ଶିଶିର ମିଶ୍ର ପୁଷ୍ପଗୁଚ୍ଛ ପ୍ରଦାନ କରି ସମସ୍ତ କଳାକାର ମାନଙ୍କଦ୍ୱାରା ପରିବେଷିତ କଳାର ପ୍ରଶଂସା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୫ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ଆସନ୍ତା ୨୫ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନ କରାଯିବ । ଏହି ପଲ୍ଲିଶ୍ରୀ ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ସହିତ ବିକ୍ରୀବଟାର ବ୍ୟବସ୍ଥା କରାଯିବ । ଏଥିସହିତ ଫୁଡ ଷ୍ଟଲ୍‌ରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ ସହିତ ଖାଇବାର ବ୍ୟବସ୍ଥା ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲାର ଲୋକକଳା ସହିତ ବାହାର ରାଜ୍ୟର ଲୋକକଳା ମଧ୍ୟ ପ୍ରଦର୍ଶିତ ହେବ । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା କେବଳ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଜିଲ୍ଲାର ଲୋକକଳା ବ୍ୟତୀତ ଅନ୍ୟ ପ୍ରଦର୍ଶିତ କଳାର ଚୟନ କରାଯାଇ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସୁଯୋଗ ଦିଆଯିବ । ବିଶେଷଭାବେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ ଇତ୍ୟାଦି ପରିବେଷଣ କରିବା ସକାଶେ ଚୟନ ପ୍ରକ୍ରିୟା ଦ୍ୱାରା ସାଂସ୍କୃତିକ ଦଳଙ୍କୁ ଚୟନ କରାଯିବ । ଯେଉଁ ଅନୁଷ୍ଠାନ କିମ୍ବା କଳାକାରଗଣ ବିଗତ ବର୍ଷ ମାନଙ୍କରେ ଯେକୌଣସି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବେ ତାହାର ଭିଡିଓ ମଧ୍ୟ ଦେଖାଇ ଚୟନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ । ଭିଡିଓ ପ୍ରଦର୍ଶନ ନିମନ୍ତେ ଏଲ୍.ଇ.ଡି. ସ୍କ୍ରିନ୍ ର ବ୍ୟବସ୍ଥା କରାଯିବ । ଏଥି ନିମନ୍ତେ ସଂପୃକ୍ତ ଅନୁଷ୍ଠାନର ସଭ୍ୟ କିମ୍ବା ପ୍ରତିନିଧି ପେନ୍‌ଡ୍ରାଇଭ୍ ମାଧ୍ୟମରେ ନିଜର ଭିଡିଓ ଆଣି ଦେଖାଇ ପାରିବେ । ଏଥି ସକାଶେ ଜିଲ୍ଲା ସଂସ୍କୃତି ଅଧିକାରୀ ଗଞ୍ଜାମଙ୍କ ଠାରେ ଅନୁଷ୍ଠାନ ଗୁଡିକ ଆବେଦନ କରିପାରିବେ । ଇଚ୍ଛୁକ ଥିବା ଗଞ୍ଜାମ ଜିଲ୍ଲାର ଅନୁଷ୍ଠାନ ଏଥିରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ କରିବାର ସୁଯୋଗ ପାଇବେ ବୋଲି ଜିଲ୍ଲାପ୍ରଶାସନ ଅବଗତ କରାଇଛନ୍ତି ।

# ଜେସିବି ଧକ୍କାରେ ଭାଙ୍ଗିଲା ରେଳ ଫାଟକ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ସନ୍ଧ୍ୟାରେ ଅଜଣା ଜେସିବି ଧକ୍କାରେ ଭାଙ୍ଗିଲା ରେଳ ଫାଟକ । ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୮ ଘଟିକା ସମୟରେ ବାରଙ୍ଗ ରେଳ ଷ୍ଟେସନ ଏବଂ ଭୁବନେଶ୍ୱର ନିୟୁ ରେଳଷ୍ଟେସନ ମଝି ପଦାସାହି ଗ୍ରାମ ନିକଟରେ ଥିବା ରେଳ ଫାଟକକୁ ଏକ ଜେସିବି ଧକ୍କା ଦେବାରୁ ଫାଟକଟି ମଝିରୁ ଭାଙ୍ଗି ଯାଇଥିଲା । ଫଳରେ ଯାତାୟାତରେ କିଛି ସମୟ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ରେଳ ଫାଟକରେ ଜଣେ କର୍ମଚାରୀ ଥିବାରୁ ଜେସିବି ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । କିଛି ସମୟ ପରେ ରେଳବାଇ ପୋଲିସ ତଦନ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଫାଟକ ମରାମତି କରାଯିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା ।

# ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ନେଇ ପ୍ରତିଯୋଗିତା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ନୂଆ-ଓ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ପ୍ରତିଯୋଗୀତା ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ନୋଡାଲ ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ସରୋଜ କୁମାର ଦାସ ଓ ରବୀନ୍ଦ୍ର କୁମାର ମହାରଣା (ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ), ପୂର୍ବତନ ଅଧକ୍ଷ ଅଶୋକ ଷଡ଼ଙ୍ଗୀ ଯୋଗଦାନ କରି ଓଡ଼ିଆର ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କବିତା ଆବୃତ୍ତି ଓ ପ୍ରବନ୍ଧ ବିଷୟରେ ଛାତ୍ରଛାତ୍ରୀମାନେ ସ୍ୱଲିଖିତ କବିତା ଆବୃତ୍ତି କରିବା ସହିତ ମୋ କଥା ଓ ମୋ କାହାଣୀ କହିଥିଲେ । ନୋଡାଲ ଅଧିକାରୀ ତପନ କୁମାର ନାୟକ, ଧନ୍ୟବାଦ ଅର୍ପଣ କରିଥିବାବେଳେ ଟୁକୁନା ପ୍ରସାଦ ବଡୁ, ଲକ୍ଷ୍ମୀ କୁଜୁର, ଗୌତମ ନାୟକ, ଉମେଶ ଚନ୍ଦ୍ର ରାଉତ, ପ୍ରମେୟ କୁମାର ମହାନ୍ତି, ପି. ଗୁପ୍ତେଶ୍ୱର ରାଓ, ସୁଶାନ୍ତ ମାଝୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାରି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି କାର୍ଯ୍ୟକ୍ରମଟି ଓଡ଼ିଶା ସରକାର ଉଚ୍ଚ ଶିକ୍ଷା ବିଭାଗର ପ୍ରାୟୋଜିତ କାର୍ଯ୍ୟକ୍ରମ ।

# ସିଏମ୍‌ସି କାର୍ଯ୍ୟାଳୟ ଆଗରେ ଉଚ୍ଛେଦ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ

**କଟକ, ନ୍ୟୁଜ୍ ବ୍ୟୁରୋ**




ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନରେ ସାମିଲ କରି ସ୍ଥାୟୀ ପଟ୍ଟା ଦେବା ଦାବିରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ବାସହରା ବସ୍ତି ବାସିନ୍ଦାଙ୍କୁ ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଟକ କାଳୀବିହାର ବସ୍ତି ଓ ପେଟ୍ଟେନାଳ ଅଞ୍ଚଳରୁ ଶହେରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯିବା ସହ ଧବଳେଶ୍ୱର ନିକଟରେ ଜାଗା ଓ ସ୍ଥାୟୀ ପଟ୍ଟା ଦେବାକୁ କୁହାଯାଇଥିଲା । ହେଲେ ସିଏମ୍‌ସି ଏପର୍ଯ୍ୟନ୍ତ ବସ୍ତି ବାସିନ୍ଦାଙ୍କୁ କୌଣସି ସ୍ଥାୟୀ ପଟ୍ଟା ଦେଇନାହିଁ । ତେବେ ଯଦି କଟକ ମହାନଗର ନିଗମ ଉଚ୍ଛେଦ ବସ୍ତି ବାସିନ୍ଦାଙ୍କୁ ତୁରନ୍ତ ଜାଗା ମିଶନରେ ସାମିଲ କରି ବସ୍ତିବାସିନ୍ଦାଙ୍କୁ ପଟ୍ଟା ନଦେବ, ତେବେ ଆଗକୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି ।

# ଶ୍ରୀଜଗନ୍ନାଥଙ୍କ ପ୍ରେମରେ ବିଭୋର ଭକ୍ତବୃନ୍ଦ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି । ତେବେ ଏହି ଲୋକାର୍ପିତ ଉତ୍ସବକୁ ଘସିପୁରା ବ୍ଲକ ପକ୍ଷରୁ ଭଣ୍ଡାରିଡିହା ପଞ୍ଚାୟତ ବସନ୍ତପୁରା ସ୍ଥିତ ବଳଦେବଜୀଉଙ୍କ ମନ୍ଦିର ନିକଟରେ ସିଧା ପ୍ରସାରଣ ଦେଖିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ ମିଶନଶକ୍ତିର ମହିଳା ଓ ଜନସାଧାରଣ ଉପସ୍ଥିତ ରହି ପୁରୀରେ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଏଲିଡି ମାଧ୍ୟମରେ ଦେଖିଥିଲେ । ଏଥିରେ ଘସିପୁରା ବିଡିଓ ମାନସ ସାମଲ, ଘଷିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ପିଓ ପଙ୍କଜ କୁମାର ସାହୁ, ମିଶନ ଶକ୍ତି ଅଧିକାରୀ ସରୋଜ ମହାରଣା, ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ବ୍ଲକ ଭାଇସ୍ ଚେୟାରମ୍ୟାନ୍ ପଞ୍ଚାନନ ରାଉତ, ୧୦ ନମ୍ବର ଜିଲ୍ଲା ପରିଷଦ ମଧୁସ୍ମିତା ଦାସ, ୧୨ ନମ୍ବର ଜିଲ୍ଲା ପରିଷଦ ସଞ୍ଜୟ କୁମାର ମଲ୍ଲିକ, ସମାଜସେବୀ ବିଜୟ ଦାସ, ନିର୍ମଳ ରାଉତ, ବରିପାଳ ସଭ୍ୟ ରମେଶ ଚନ୍ଦ୍ର ନାଏକ, ଅଦେଇ ରାଉତ ଯୋଗ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରେମରେ ବିଭୋର ହୋଇଥିଲେ ।

# ନାବାଳକ ସହ ଦୁଷ୍କର୍ମ ମାମଲା ଅଭିଯୁକ୍ତକୁ ୨୦ବର୍ଷ ଜେଲ୍ ଓ ଜରିମାନା

**କଟକ, ନ୍ୟୁଜ୍ ବ୍ୟୁରୋ**

ନାବାଳକ ସହ ଦୁଷ୍କର୍ମ କରିଥିବା ଅପ୍ରାକୃତିକ ଯୌନ ଅପରାଧୀକୁ ୨୦ ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ । ଦଣ୍ଡାଦେଶ ଶୁଣାଇଛନ୍ତି ସ୍ୱତନ୍ତ୍ର ପୋକଶୋ ଅଦାଲତ କଟକ । ନାବାଳକ ଦୁଷ୍କର୍ମକାରୀ ଚିନ୍ତାମଣି ନାୟକ ଓରଫ ପିଣ୍ଟୁକୁ ୨୦ ବର୍ଷ ସଜା ସହ ୨୦ ହଜାର ଟଙ୍କା ଜରିମାନା ଦେବା ଲାଗି ମଧ୍ୟ ପୋକଶୋ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ୨୦୧୯ ମସିହାରେ କଟକ ମଧୁ ପାଟଣା ଥାନା ଅଞ୍ଚଳରେ ଘଟିଥିଲା ଏହି ଘଟଣା । ଜଣେ ୬ ବର୍ଷର ନାବାଳକ ସହ ଅପ୍ରାକୃତିକ ଯୌନ ଅପରାଧ ଘଟାଇଥିଲା ଚିନାମଣି । ଗୁରୁବାର ସମସ୍ତ ସାକ୍ଷ ପ୍ରମାଣକୁ ଆଧାର କରି ଅଦାଲତ ଚିନ୍ତାମଣିକୁ ଏହି ସଜା ଶୁଣାଇବା ସହ ପୀଡ଼ିତଙ୍କୁ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

# କର୍ମଚାରୀ ଅଭାବରୁ ଏମ୍‌କେସିଜିରେ ଉପଲବ୍ଧ ହେଉନି ବେରା ଟେଷ୍ଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍‌ରେ ନିୟମିତ ହେଉଛି ବ୍ରେନ୍‌ଷ୍ଟେମ୍ ଇଭୋକଡ୍ ରେସପନ୍ସ ଅଡ଼ିଓମେଟ୍ରି ପରୀକ୍ଷା । ଫଳରେ ରୋଗୀଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟିଂ ଏମ୍‌କେସିଜି ମେଡ଼ିକାଲ୍‌ରେ ଉପଲବ୍ଧ ହେଉନଥିବା ବେଳେ ସହରରେ କୌଣସି ଘରୋଇ ଡ଼ାଏଗ୍ନୋଷ୍ଟିକରେ ମଧ୍ୟ ନଥିବା କାରଣରୁ ରୋଗୀଙ୍କୁ କଟକ ଓ ଭୁବନେଶ୍ୱର ଦୌଡ଼ିବାକୁ ପଡୁଛି । ଏଣୁ ରୋଗୀଙ୍କୁ ଅଧିକ ଖର୍ଚ୍ଚାନ୍ତ ଦେବାକୁ ପଡୁଛି । ସାଧାରଣତଃ ଶିଶୁ ଓ ପକ୍ଷଘାତ ରୋଗୀଙ୍କ କ୍ଷେତ୍ରରେ ଏହି ପରୀକ୍ଷା ଜରୁରୀ ହୋଇଥାଏ । ସ୍ନାୟୁରୁ ମସ୍ତିଷ୍କକୁ କିପରି ଶବ୍ଦ ତରଙ୍ଗ ପ୍ରବାହିତ ହୁଏ, ତାହା ଜାଣିବା ନିମନ୍ତେ ଏହି ପରୀକ୍ଷା କରାଯାଇଥାଏ । କିନ୍ତୁ ମେଡ଼ିକାଲ୍‌ରେ କର୍ମଚାରୀ ଅଭାବ କାରଣରୁ ଏହି ପରୀକ୍ଷା ହୋଇପାରୁନଥିବା ଅଭିଯୋଗ ହୋଇଛି । ଏମ୍‌କେସିଜି ମେଡ଼ିକାଲ୍‌ର ନାଶା, କର୍ଣ୍ଣ, ଗଳା ବିଭାଗ ଅଧୀନରେ ବାକ୍ ଶ୍ରାବଣ ବିଭାଗ ରହିଛି । ଏହି ବିଭାଗ ବେରା, ଓଏଇ (ଓଟୋ ଆକାଷ୍ଟିକ୍ ଏମିସନ୍) ଓ ଅଡ଼ିଓମେଟ୍ରିକ୍ ପରି ବିଭିନ୍ନ ପରୀକ୍ଷା କରାଯାଇଥାଏ । ବହୁ ବର୍ଷ ହେବ ମେଡ଼ିକାଲ୍‌ରେ ମାତ୍ର ଜଣେ ହିଁ ବାକ୍ ଶ୍ରବଣ ବିଶେଷଜ୍ଞ ରହିଛନ୍ତି । ଫଳରେ ରୋଗୀଙ୍କ ଶ୍ରାବଣ ଶକ୍ତି ସମ୍ପର୍କିତ ସମସ୍ତ ପରୀକ୍ଷା ଜଣେ କରିବା ସମ୍ଭବପର ହେଉନାହିଁ । ଶ୍ରବଣ ଶକ୍ତି ସମସ୍ୟା ନେଇ ପ୍ରତ୍ୟେକ ଦିନ ୨୦ରୁ ୨୫ ଜଣ ରୋଗୀ ଡ଼ାକ୍ତରଖାନାକୁ ଆସୁଥିବା ବେଳେ ସେଥିମଧ୍ୟରୁ ୧୫ ରୁ ୨୦ ଜଣ ରୋଗୀଙ୍କ ନିମନ୍ତେ ଓଏଇ ପରୀକ୍ଷାର ଆବଶ୍ୟକ ରହିଥାଏ । ସେଥିମଧ୍ୟରୁ ୮ ରୁ ୧୦ ଜଣ ରୋଗୀଙ୍କ ନିମନ୍ତେ ବେରା ପରୀକ୍ଷାର ଆବଶ୍ୟକତା ରହିଥାଏ । କିନ୍ତୁ ମେଡ଼ିକାଲ୍‌ରେ ପ୍ରତ୍ୟେକ ଦିନ ୨ ରୁ ୪ ଜଣଙ୍କ ଓଏଇ ପରୀକ୍ଷାର କରାଯାଉଥିବା ବେଳେ ବର୍ଷକୁ ମାତ୍ର ୨ ରୁ ୩ ଜଣଙ୍କ ରୋଗୀଙ୍କୁ ବେରା ପରୀକ୍ଷା କରିବା ସମ୍ଭବ ହେଉଥିବା କୁହାଯାଇଛି । ଅନ୍ୟପକ୍ଷରେ ଜଣେ ବିଶେଷଜ୍ଞଙ୍କରେ ଏ ସମସ୍ତ ପରୀକ୍ଷା କରିବା କଷ୍ଟକର ହେଉଥିବା ବେଳେ ମେଡ଼ିକାଲ ପକ୍ଷରୁ ତାଙ୍କୁ ଅତିରିକ୍ତ ଡ଼ିଡ଼ିଓ କ୍ଷମତା ପ୍ରଦାନ କରାଯାଇଛି । ଯାହାଫଳରେ ବିଭିନ୍ନ ଟେଷ୍ଟିଂ ପ୍ରଭାବିତ ହେଉଥିବା ଜଣାପଡ଼ିଛି । କର୍ଣ୍ଣ ମଧ୍ୟରେ ଥିବା ସମସ୍ତ ଅଂଶ ସଠିକ୍ ଭାବେ କାର୍ଯ୍ୟ କରୁଛି ନା ନାହିଁ ତାହା ଓଏଇ ପରୀକ୍ଷାରେ ଜାଣିହୁଏ । ସେହିପରି ଶବ୍ଦ ସ୍ନାୟୁ ଦ୍ୱାରା ମସ୍ତିଷ୍କକୁ ପହଞ୍ଚୁଛି କି ନାହିଁ ଏବଂ ଶବ୍ଦ ବିତରଣର ଗତି ସାଧାରଣ ସୀମା ମଧ୍ୟ ଅଛି କି ନାହିଁ ସେ ସମ୍ବନ୍ଧରେ ବେରା ପରୀକ୍ଷା ଦ୍ୱାରା ସୂଚନା ମିଳିଥାଏ । ଏହି ଶ୍ରବଣ ପରୀକ୍ଷା ଦ୍ୱାରା ଶିଶୁର ଅସ୍ୱାଭାବିକତା କିମ୍ବା ଗମ୍ଭୀରତା ଏବଂ ଶିଶୁର ଶ୍ରବଣ ଶକ୍ତି ନିର୍ଣ୍ଣୟ କରିହୋଇଥାଏ । ବେରା ପରୀକ୍ଷା ପ୍ରକ୍ରିୟା ଏକ ଘଣ୍ଟା ସମୟ ଲାଗିଥିବା ବେଳେ ରୋଗୀର ମୁଣ୍ଡ ଓ କାନ ପଛରେ ଇଲେକ୍ଟ୍ରୋଡ୍ ରଖାଯାଏ । ପରୀକ୍ଷା ସରିବା ପରେ ରୋଗୀକୁ ହେଡ୍‌ଫୋନ୍ ମାଧ୍ୟମରେ ବିଭିନ୍ନ ଶବ୍ଦ ଶୁଣିବାକୁ ଦିଆଯାଇଥାଏ । ଏହି ପରୀକ୍ଷଣ ଶବ୍ଦର ଉତ୍ସାହ ପ୍ରଦାନରେ ମସ୍ତିଷ୍କର ବିଦ୍ୟୁତିକ କାର୍ଯ୍ୟକଳାପରେ ପରିବର୍ତ୍ତନକୁ ମାପ କରାଯାଇଥାଏ । ସେହିପରି ଛୋଟପିଲାଙ୍କ ଶ୍ରବଣଶକ୍ତି କିଭଳି ରହିଛି ତାହା ଜାଣିବା ନିମନ୍ତେ ବେରା ପରୀକ୍ଷାର ଭୂମିକା ଅନେକ ଗୁରୁତ୍ୱ ରହିଥାଏ । ରୋଗୀ ଶୋଇବା ସମୟରେ ଅଥବା ନିଶା ଇଞ୍ଜେକସନ୍ ଦେଇ ଏହି ପରୀକ୍ଷା କରାଯାଇଥାଏ । କିନ୍ତୁ ସମସ୍ତ ପରୀକ୍ଷା କରିବା ନିମନ୍ତେ ଅତି କମ୍‌ରେ ଦୁଇ ଜଣ ବାକ୍ ଶ୍ରବଣ ବିଶେଷଜ୍ଞ ଆବଶ୍ୟକ ଥିବାବେଳେ ବହୁ ବର୍ଷ ଧରି କର୍ମଚାରୀ ଅଭାବରୁ ଏ ସମସ୍ତ ଜରୁରୀ ତଥା କଷ୍ଟସାଧ୍ୟ ପରୀକ୍ଷା କରିବା ସମ୍ଭବପର ହେଉନଥିବା କହିଛନ୍ତି ବାକ୍ ଶ୍ରବଣ ବିଶେଷଜ୍ଞ ଏସ୍‌ପି ପାଣିଗ୍ରାହୀ ।

# ଜନ୍ମଦିନରେ ମିଳିଥିବା ସୁନା ଗହଣା ଓ ଟଙ୍କା ଚୋରି:ଥାନାରେ ଅଭିଯୋଗ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ପୁଅର ଜନ୍ମଦିନ ଉତ୍ସବରେ ଅତିଥିମାନଙ୍କ ଠାରୁ ମିଳିଥିବା ସୁନାଗହଣା, ଟଙ୍କାକୁ କେହି ଚୋରି କରିନେଇଥିବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ନରଣପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁଙ୍କ ପୁଅ ଶୁଭଙ୍କରର ୫ମ ବାର୍ଷିକ ଜନ୍ମଦିନ ଉତ୍ସବ ବୁଧବାର ରାତିରେ ବେଲଗଛିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୋଜନ କରିଥିଲେ । ଏଠାକୁ ନିମନ୍ତ୍ରଣ ପାଇଁ ଆସିଥିବା ବନ୍ଧୁବାନ୍ଧବ ମାନଙ୍କ ଠାରୁ ଆରମ୍ଭ କରି ସାଙ୍ଗସାଥିମାନଙ୍କ ଠାରୁ ଉପହାରରେ ମିଳିଥିବା ସୁନା ଅଳଙ୍କାର ଓ ଟଙ୍କାକୁ ସୌମ୍ୟଙ୍କ ସାନଶାଳୀ ମନୀଷା ବଳିୟାରସିଂହ ଏକ ଭ୍ୟାନିଟି ବ୍ୟାଗରେ ରଖିଥିଲେ । ରାତି ପ୍ରାୟ ୧୦.୩୦ ସୁଦ୍ଧା ମନୀଷା ବ୍ୟାଗଟିକୁ ମଞ୍ଚ ଉପରେ ରଖି ପରିବାରର ଅନ୍ୟ ସଦସ୍ୟ ମାନଙ୍କ ସହ ପାଲା ହେଉଥିବା ସ୍ଥାନକୁ ଯାଇଥିଲେ । ସେଠାରୁ ଫେରିବା ପରେ ଭ୍ୟାନିଟି ବ୍ୟାଗଟିକୁ ଆଉ ମଞ୍ଚ ଉପରେ ପାଇନଥିଲେ । କେହି ବ୍ୟାଗଟିକୁ ନେଇ ସୋସାଇଟି ପରିସର ମଧ୍ୟକୁ ଫୋପାଡି ଦେଇଥିବାର ଖୋଜାଖୋଜି ପରେ ମିଳିଥିଲା । କିନ୍ତୁ ବ୍ୟାଗଟି ଖୋଲାଥିବା ବେଳେ ସେଥିରେ ଉପହାରରେ ମିଳିଥିବା ଟଙ୍କା ଓ ସୁନା ଅଳଙ୍କାର ନଥିବାର ଦେଖିବାକୁ ମିଳିଥିଲା ବୋଲି ସୌମ୍ୟ ବାରଙ୍ଗ ଥାନାରେ ଗୁରୁବାର ଦିନ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।



# ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନ ମୁଦ୍ରଣ ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବଜାର ଠାରେ ନିର୍ମାଣାଧିନ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନ ମୁଦ୍ରଣ ଉତ୍ସବ ପାଇଁ ପରିଚାଳନା କମିଟି ପକ୍ଷରୁ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି କୃଷ୍ଣ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୁଣ୍ଡିଚା ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବିଧି ପୂର୍ବକ ମଙ୍ଗଳ କାମନା ସହ ପୂଜାର୍ଚ୍ଚନା କରି ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଏହି ରତ୍ନ ମୁଦ୍ରଣ କାର୍ଯ୍ୟକ୍ରମ ଚଳିତ ମାସ ଜାନୁଆରୀ ୨୬ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ କରାଯିବା ପାଇଁ ସ୍ଥିର ହୋଇଥିବା ବେଳେ ଶ୍ରୀଜଗନ୍ନାଥ ପଞ୍ଚ ରାତ୍ରି ପାରାୟଣ ଓ ପ୍ରବଚନ,ଚବିଶି ପ୍ରହର ନାମ ଯଜ୍ଞ ଓ ଭିନ୍ନକ୍ଷମ ମାନଙ୍କ ପକ୍ଷରୁ ଭଜନ ସମାରୋହ କରାଯିବ । ଏହି କାର୍ଯ୍ୟକ୍ରମରେ ଇଶ୍ୱର ପଲ୍ଲୀ, କୁଦୁତୁଲି ଓ ସିର୍ତ୍ତିଗୁଡା କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଗଣ ନଦିଆ କୀର୍ତ୍ତନରେ ସହଯୋଗ କରିଥିବା ବେଳେ ପୁରୋହିତ ରବିନ୍ଦ୍ରନାଥ ଶତପଥୀ ଓ ଶ୍ରୀଧର ତ୍ରିପାଠୀ ପୂଜକ ଭାବେ ରହିଥିଲେ । କମିଟିର ଉପ ସଭାପତି ନିର୍ମଳା ବେହେର୍ଦ୍ଦଳାଇ ଓ ପଣ୍ଡିତ କୁମାର ବିଶିମାଝି, ସଂପାଦକ ଧବଳେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଅନିତା ମଲ୍ଲିକ, ବରିଷ୍ଠ ସଦସ୍ୟ ଶ୍ୟାମଘନ ସାହୁ, ଗୁରୁରାମ ପାତ୍ର, ପଦ୍ମନାଭ ସାହୁ, ସୁବାସ ଚନ୍ଦ୍ର ବିଶିମାଝି, କୈଳାସ ମହାପାତ୍ର, ହୃଷୀକେଶ ପାଢ଼ୀ, ସୁବାସ ଚନ୍ଦ୍ର ମହାରଣା, ରଞ୍ଜିତ କୁମାର ପଣ୍ଡା, କୋଷାଧକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ରଞ୍ଜିତ କୁମାର ମାଝି, ବ୍ରଜ କିଶୋର ସାହୁ, ବିଜୟ କୁମାର ସାହୁ, ଚିତ୍ତରଞ୍ଜନ ପାତ୍ର, ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟାମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଗାନ୍ଧୀ ସାହିତ୍ୟରେ ଭରି ରହିଛି ଦେଶପ୍ରେମ ଉଦ୍ରେକର ବାର୍ତ୍ତା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ଏଥିରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ସାମାଜିକ କର୍ମୀ ପ୍ରହ୍ଲାଦ ସିଂ କହିଥିଲେ ଯେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗ ହେଉଛି ପୁସ୍ତକ । ଏଭଳି କୌଣସି ଦେଶ ନାହିଁ ଯେଉଁଠି କି ମହାତ୍ମାଗାନ୍ଧୀଙ୍କ ବିଷୟରେ ବହି ପ୍ରଚଳିତ ହୋଇନାହିଁ । ଗାନ୍ଧୀ ସାହିତ୍ୟରେ ଭରି ରହିଛି ଦେଶପ୍ରେମ ଉଦ୍ରେକ କଲାଭଳି ବାର୍ତ୍ତା । ଆମର ସଂସ୍କୃତି ଓ ସମାଜକୁ ଉଚ୍ଚକୋଟୀର କରିବାକୁ ହେଲେ ଆମକୁ ଅଧିକରୁ ଅଧିକ ବହି ପଢିବାକୁ ପଡ଼ିବ । ଅନ୍ୟତମ ସମ୍ମାନନୀୟ ଅତିଥି ଜଗତସିଂହପୁରର ପ୍ରାକ୍ତନ ଜିଲ୍ଲାପାଳ ସତ୍ୟ କୁମାର ମଲ୍ଲିକ କହିଥିଲେ ଯେ ଇଣ୍ଟରନେଟ୍ ଯୁଗରେ ମଧ୍ୟ ପାଠକଙ୍କ ସଂଖ୍ୟା ବଢ଼ିଛି । ପ୍ରତ୍ୟେକ ବର୍ଷ ପୂର୍ବ ବର୍ଷ ଅପେକ୍ଷା ୨୦ ପ୍ରତିଶତ ଅଧିକ ମୁଦ୍ରଣ ହେଉଛି । ସାରା ବିଶ୍ୱରେ ମୁଦ୍ରଣ କ୍ଷେତ୍ରରେ ଭାରତ ଷଷ୍ଠ ସ୍ଥାନରେ ରହିଛି । ଏହା ନିଶ୍ଚୟ ଆଗାମୀ ଦିନ ପାଇଁ ଖୁସିର ଖବର । ଜ୍ଞାନ ବାଣ୍ଟିବାର ମେଳା ହେଉଛି ପୁସ୍ତକ ମେଳା । ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପାଠକ ସଂଖ୍ୟା ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ବାପା ଓ ମାଆଙ୍କ ପରେ ଯଦି କାହାକୁ ଭଲ ପାଉଛ ତା ହେଲେ ପୁସ୍ତକ ଓ ପ୍ରକୃତିକୁ ଭଲପାଅ । ପ୍ରାରମ୍ଭରେ ଅଭିରାମ ଶତପଥି ବେଦପାଠ କରିଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସୁଗୃହିଣୀ, ଆଦର୍ଶ ମହିଳା କାଞ୍ଚନବାଳା ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ । ଏହି ଉତ୍ସବରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଭ୍ୟ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

29 YEARS

ସମ୍ବାଦ କଳିଙ୍ଗ

ଖେଳ

ଭୁବନେଶ୍ୱର, ୨୧ ଜାନୁଆରୀ, ରବିବାର, ୨୦୨୪



# ୧୯ ବର୍ଷରୁ କମ ବିଶ୍ୱକପ୍‌: ବିଜୟ ସହ ଭାରତର ଅଭିଯାନ ଆରମ୍ଭ, ବାଂଲାଦେଶକୁ ୮୪ ରନରେ ଦେଲା ମାତ୍‌




**ନୂଆଦିଲ୍ଲୀ**

ଭାରତ ୧୯ ବର୍ଷରୁ କମ ବିଶ୍ୱକପ ୨୦୨୪ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବ୍ଲୋମଫୋଣ୍ଟେନର ମେଙ୍ଗୋଗ ଓଭାଲରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପଡୋଶୀ ବାଂଲାଦେଶକୁ ୮୪ ରନରେ ହରାଇଛି । ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟକ ଉଦୟ ଶାହାରନଙ୍କ ୬୪ ରନ ଓ ଆର୍ଦଶ ସିଂଙ୍କ ୭୬ ରନ ବଳରେ ନିର୍ଦ୍ଧାରିତ ୫୦ଓଭରରେ ୭ ୱିକେଟ ହରାଇ ୨୫୧ ରନ କରିଥିଲା। ଜବାବରେ ବାଂଲାଦେଶ ୪୫.୫ ଓଭରରେ ୧୬୭ ରନରେ ଅଲଆଉଟ ହୋଇଛି। ବାଂଲାଦେଶ ପକ୍ଷରୁ ମହମ୍ମଦ ଜେମ୍ସ ୫୪ ରନର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ସୌମ୍ୟ ପାଣ୍ଡେ ସର୍ବାଧିକ ୪ ୱିକେଟ ଅକ୍ତିଆର କରିଛନ୍ତି।

୨୫୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବାଂଲାଦେଶର ଆରମ୍ଭ ଭଲ ଥିଲେ ହେଁ ପାୱାର ପ୍ଲେରେ ଦଳ ୩ଟି ୱିକେଟ ହରାଇଥିଲା। ଦଳ ପ୍ରଥମ ୱିକେଟ ୭ ରନ ସ୍କୋରରେ ହରାଇଥିଲା। ଆଲମ ୧୪ ରନ କରି ଆଉଟ ହୋଇଥିଲେ। ଏହା ପରେ ରିଜୱାନ(୦) ଓ ରେହମାନ(୧୪)ଙ୍କୁ ସୌମ୍ୟ ପାଣ୍ଡେ ପାଭିଲିୟନ ପଠାଇଥିଲେ। ଅହରାର ୧୫ ବଲ୍‌ରୁ ୫ ରନ କରିଥିଲେ। ଅରିଫୁଲ ୭୧ ବଲ୍‌ରୁ ୪୧ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ରେହମାନ ୪ ରନ ନିରାଶ କରିଥିଲେ। ଜେମ୍ସନ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପାଭିଲିୟନ ଫେରିଥିଲେ। ରୋହନନ ଓ ଇକବାଲ ଖାତା ଖୋଲି ପାରି ନ ଥିଲେ। ମାରୁଫଙ୍କୁ ବୋଲ୍ଡ କରି ସୌମ୍ୟ ବାଂଲାଦେଶ ଇନିଂସର ଅନ୍ତ ଘଟାଇଥିଲେ।

ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ନୈରାଶ୍ୟଜନକ ରହିଥିଲା। ଅରଶିନ କୁଲକର୍ଣ୍ଣି(୭) ଆଉଟ ହୋଇଥିଲେ। ମୁଶିର ଖାନ(୩) ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ଏହା ପରେ ଆଦର୍ଶ ସିଂ ଓ ଅଧିନାୟକ ଉଦୟ ଦଳର ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ଧୈର୍ଯ୍ୟର ସହ ବ୍ୟାଟିଂ କରି ସ୍କୋର ଆଗକୁ ବଢାଇଥିଲେ। ଦୁଇ ବ୍ୟାଟର ୩ୟ ୱିକେଟ ପାଇଁ ୨୩.୫ ଓଭରରେ ୧୧୬ ରନ ଯୋଡ଼ିଥିଲେ। ତଥାପି ଏହି ଦୁଇ ବ୍ୟାଟର ବାଂଲାଦେଶର ସ୍ପିନର ମହଫୁଜୁର ରେହମାନ ରବିଙ୍କ ସାମ୍ନାରେ ଅସହଜ ଲାଗିଥିଲେ।

୧୪୭ ରନ ସ୍କୋରରେ ଆଦର୍ଶ ୯୬ ବଲ୍‌ରୁ ୬ ଚୌକା ସହ ୭୬ ରନ କରି ଆଉଟ ହୋଇଥିଲେ। ତାଙ୍କ ପରେ ପରେ ଅଧିନାୟକ ଉଦୟ ୯୪ ବଲ୍‌ରୁ ୪ ଚୌକା ସହ ୬୪ ରନ କରି ପାଭିଲିୟନ ଫେରିଥିଲେ। ଆରାଭେଲି ଅବନିଶ ୨୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ପ୍ରିୟାଂଶୁ ମୋଲିଆ ୨୩ ରନ କରି ଆଉଟ ହୋଇଥିଲେ। ସଚିନ ଦାସ ୨୦ ବଲ୍‌ରୁ ୨୬ ରନ କରି ଅପରାଜିତ ଥିଲେ। ଶେଷରେ ଭାରତ ୭ ୱିକେଟ ବିନିମୟରେ ୨୫୧ ରନ କରିଥିଲା। ବାଂଲାଦେଶ ପକ୍ଷରୁ ମାରୁଫ ମୃଦ୍ଧା ୪୩ ରନ ଦେଇ ୫ଟି ୱିକେଟ ନେଇଥିଲେ।

## ସାନିଆଙ୍କ ସହ ଛାଡପତ୍ର ଚର୍ଚ୍ଚାରେ ଶୋଏବ କଲେ ତୃତୀୟ ବିବାହ



**ମୁମ୍ବାଇ**

ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ କ୍ୟାପ୍ଟେନ ଶୋଏବ ମଲିକ୍‌ ବର୍ତ୍ତମାନ ସେ ତୃତୀୟ ବିବାହ କରିଥିବା ଜଣାପଡିଛି । ଏହି ବିବାହ ଏଭଳି ସମୟରେ ହୋଇଛି ଯେତେବେଳେ ପୂର୍ବତନ ଭାରତୀୟ ଟେନିସ ଖେଳାଳି ସାନିଆଙ୍କ ସହ ତାଙ୍କର ଛାଡପତ୍ର ଖବର ଚର୍ଚ୍ଚାରେ ରହିଛି । ଶୋଏବ ମଲିକ ପାକିସ୍ତାନୀ ପ୍ରସିଦ୍ଧ ଅଭିନେତ୍ରୀ ସନା ଜାଭେଦଙ୍କୁ ବିବାହ କରିଛନ୍ତି।

ତୃତୀୟ ବିବାହ କରି ଶୋଏବ ସନା ଜାଭେଦଙ୍କୁ ନିଜ ଜୀବନ ସାଥୀ କରିଛନ୍ତି। ଶନିବାର ସୋସିଆଲ ମିଡିଆରେ ତାଙ୍କ ବିବାହ କାର୍ଯ୍ୟକ୍ରମ ଫଟୋ ସେୟାର କରିଛନ୍ତି । ଯେଉଁଥିରେ ଦୁହେଁ ପାରମ୍ପାରିକ ବିବାହ ପୋଷାକରେ ନଜର ଆସିଛନ୍ତି । ଫଟୋ ସେୟାର କରିବା ବେଳେ ଶୋଏବ ସୁନ୍ଦର କ୍ୟାପସନ ମଧ୍ୟ ଲେଖିଛନ୍ତି । କେବଳ ଏତିକି ନୁହେଁ ଅଭିନେତ୍ରୀ ତାଙ୍କ ଇନଷ୍ଟା ବାୟୋରେ ମଧ୍ୟ ତାଙ୍କ ନାମ ପରିବର୍ତ୍ତନ କରିଛନ୍ତି ଏବଂ ସନା ଶୋଏବ ମଲିକ ବୋଲି ଉଲ୍ଲେଖ କରିଛନ୍ତି।

ସବୁଠାରୁ ବଡ କଥା କିଛି ଦିନ ପୂର୍ବେ ସାନିଆ ଏକ କ୍ରିପ୍ଟିକ ପୋଷ୍ଟ ସେୟାର କରିଥିଲେ । ଯାହା ତାଙ୍କ ଏବଂ ଶୋଏବ ମଲିକଙ୍କ ମଧ୍ୟରେ ଛାଡପତ୍ରର ଗୁଜବକୁ ଆହୁରି ତୀବ୍ର କରିଥିଲା । ସାନିଆ ଲେଖିଥିଲେ, ବିବାହ କଷ୍ଟକର, ଛାଡପତ୍ରବି କଷ୍ଟକର .. ଜୀବନ କେବେବି ସହଜ ନୁହେଁ । ଏହା ସବୁବେଳେ କଷ୍ଟକର ରହିବ। କିନ୍ତୁ ଆମକୁ ସବୁବେଳେ ଚେଷ୍ଟା କରି ବଞ୍ଚିବାକୁ ହେବ। ବୁଦ୍ଧିମାନ ହୋଇ ଜୀବନରେ ସଠିକକୁ ବାଛନ୍ତୁ । କହିବାକୁ ଗଲେ ଶୋଏବ ପ୍ରଥମେ ୨୦୦୨ରେ ଆୟେଶା ସିଦ୍ଦିକିଙ୍କୁ ବିବାହ କରିଥିଲେ । ତାଙ୍କୁ ଛାଡପତ୍ର ଦେବା ପରେ ୨୦୧୦ରେ ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ । ଏବେ ତାଙ୍କ ସହ ଛାଡପତ୍ର ଖବର ନିଶ୍ଚିତ ହେବା ପୂର୍ବରୁ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦଙ୍କୁ ତୃତୀୟ ବିବାହ କରିଛନ୍ତି।

### ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

## ଆସିରଗଡ ଦୁର୍ଗରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନା ହେଉ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରଦେଶର ଆସିରଗଡ ଦୁର୍ଗରେ ଦେଶର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ତାଙ୍କର ସହଯୋଗୀ ମାନଙ୍କ ସ୍ମୃତିରେ ଏକ ସ୍ମାରକୀ ସ୍ଥାପନା କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରିବାକୁ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବ୍ରିଟିଶ ଶାସନ ବିରୋଧରେ ସମ୍ବଲପୁର ବିଦ୍ରୋହର ନେତୃତ୍ୱ ନେଇଥିବା ବୀର ସୁରେନ୍ଦ୍ର ସାଏ ଏବଂ ଅନେକ ସଂଗ୍ରାମୀ ମାନଙ୍କର ଆସିରଗଡ ଦୁର୍ଗ ସହ ଗଭୀର ସମ୍ପର୍କ ରହିଛି । ୧୮୫୭ ମସିହା ବିଦ୍ରୋହରେ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀମାନେ ଦେଶକୁ ସ୍ୱାଧୀନତା ଦେବା ପାଇଁ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଇଂରେଜ ମାନଙ୍କ ସହ ବୀରତ୍ୱର ସହ ଲଢ଼ି ବଳିଦାନ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ୧୮୨୭ ରୁ ୧୮୪୦ ଏବଂ ୧୮୫୭ରୁ ୧୮୬୨ ପର୍ଯ୍ୟନ୍ତ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଓଡ଼ିଶାର ପ୍ରତିରୋଧ ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଯେତେବେଳେ ୧୮୪୯ ମସିହାରେ ସମ୍ବଲପୁରକୁ ଇଂରେଜମାନେ 'ଡକ୍ଟ୍ରିନ ଅଫ୍‌ ଲାପସ୍‌' ଅଧୀନରେ ଦଖଲ କରିଥିଲେ ସେତେବେଳେ ବୀର ସୁରେନ୍ଦ୍ର ସାଏ ବ୍ରିଟିଶ ସରକାରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ । ୧୮୫୭ ମସିହାରେ ସମ୍ବଲପୁରର ବିଦ୍ରୋହ ମୁଖ୍ୟତଃ ଏକ ଜନଜାତି ବିଦ୍ରୋହ ଥିଲା ଯେଉଁଥିରେ ଘେଁସ, କୋଲାବିରା, ପାହାଡ଼ଶ୍ରୀଗିଡ଼ା,



ମଚିଦା, କୁଡ଼ାବଗା, ଲଇଡା, ଲୋଇସିଂହ, ଲଖନପୁର, ଭେଡେନ, ପାଟକୁଲୁଣ୍ଡା ଆଦି ଜମିଦାର ଏବଂ ତାଙ୍କ ପରିବାର ସୁରେନ୍ଦ୍ର ସାଏଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିଲେ । ଏହି ସମର୍ଥକମାନେ ୧୮୫୭ରୁ ୧୮୬୨ ପର୍ଯ୍ୟନ୍ତ ଗରିଲା ଯୁଦ୍ଧ ମାଧ୍ୟମରେ ଇଂରେଜମାନଙ୍କ ସହ ଲଢ଼େଇ କରିଥିଲେ । ସେମାନେ ଏହି ଅଞ୍ଚଳର ଜନଜାତି ଓ ଜମିଦାରମାନଙ୍କୁ ଏକାଠି କରିଥିଲେ ଏବଂ ଗରିଲା ଯୁଦ୍ଧ କୌଶଳ ବ୍ୟବହାର କରି ବ୍ରିଟିଶ ସେନା ବିରୋଧରେ ଲଢ଼େଇ କରିଥିଲେ । ବୀର ସୁରେନ୍ଦ୍ର ସାଏ, ତାଙ୍କୁ ସୁପୁତ୍ର ମିତ୍ରଭାନୁ ସାଏ, ଉଦନ୍ତ ସାଏ, ଧ୍ରୁବ ସାଏ ଓ ମେଦିନୀ ସାଏ ଆସିରଗଡ ଦୁର୍ଗରେ ଜେଲ୍‌ ଦଣ୍ଡାଦେଶ ଭୋଗିଥିଲେ। ପରେ ଲଖନପୁର ଜମିଦାର ପରିବାରର ଖଗେଶ୍ୱର ସିଂହ ଦାଉ ଏବଂ ରମ୍ପେଲାର ଲୋକନାଥ ପଣ୍ଡାଙ୍କୁ ୧୮୬୫ ଜୁନ ୮ରେ ଆସିରଗଡ ଜେଲକୁ ନିଆଯାଇଥିଲା । ଲଖନପୁରର କମଳ ସିଂ ଦାଉଙ୍କୁ ୧୮୬୬ରେ ଆସିରଗଡକୁ ପଠାଯାଇଥିଲା । ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଉଦନ୍ତ ସାଏ ଜେଲରେ ୪୭ ବର୍ଷ ବନ୍ଦୀ ଭାବରେ ଜୀବନ କାଟିଥିଲେ ଏବଂ ୧୮୯୪ ଜାନୁଆରୀ ମାସରେ ମୃତ୍ୟବରଣ କରିଥିଲେ । ସେ ବନ୍ଦୀ ମାନଙ୍କ ମଧ୍ୟରେ ଜେଲରେ ଅଧିକ ସମୟ କାଟିଥିଲେ । ବୀର ସୁରେନ୍ଦ୍ର ସାଏ ଦୀର୍ଘ ୩୭ ବର୍ଷ ଜେଲରେ ରହିଥିଲେ ଏବଂ ୧୮୮୪ ମସିହା ୨୮ ଫେବୃୟାରୀରେ ଆସିରଗଡ ଜେଲରେ ମୃତ୍ୟୁବରଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଏହିଭଳି ଜନଜାତି ସଂଗ୍ରାମୀଙ୍କ ବୀରଗାଥା ଓ ସାହସକୁ ସମ୍ମାନ ଏବଂ ଶ୍ରଦ୍ଧାଞ୍ଜଳି ଦେବା ଦିଗରେ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି । ବୀର ସୁରେନ୍ଦ୍ର ସାଏ ଆସିରଗଡ ଦୁର୍ଗରେ ଶେଷ ଜୀବନ କାଟିଥିଲେ । ଏହାକୁ ବିଶେଷ ଧ୍ୟାନରେ ରଖି ଆସିରଗଡ ଦୁର୍ଗରେ ସୁରେନ୍ଦ୍ର ସାଏଙ୍କ ବୀରତ୍ୱକୁ ପ୍ରତିଫଳିତ କରୁଥିବା ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ତାଙ୍କର ସହଯୋଗୀ ମାନଙ୍କ ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରିବା ପାଇଁ ଓଡ଼ିଶାବାସୀଙ୍କ ତରଫରୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏ ନେଇ ବ୍ୟକ୍ତିଗତ ସ୍ତରରେ ପ୍ରସ୍ତାବକୁ ଦେଖିବା ସହ ପଦକ୍ଷେପ ନେବା ପାଇଁ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ହକି ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରାବାସ ଅଭାବ, ନିରାଶ ଜାତୀୟ ଖେଳାଳି

**ଗଡପୋଷ**

ଓଡ଼ିଶାରେ ହକି କିମ୍ବଦନ୍ତିଙ୍କ ଅଭାବ ନାହିଁ; ହେଲେ ଆହୁରି ଅନେକ ନାମ ଏହି ଶ୍ରେଣୀରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି । ଭିତ୍ତିଭୂମିର ଅଭାବ ସାଙ୍ଗକୁ ଆର୍ଥିକ ଅନଟନ ହିଁ ଏଭଳି ଦୁର୍ଗତିର କାରଣ ହେଉଛି । ଏହାର ଏକ ଉଦାହରଣ ହେଉଛି ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍‌ ରବଗା ପଞ୍ଚାୟତ । ରବଗା ମଝାପଡ଼ା ହାଇସ୍କୁଲ ଓ ଜରାବଗା ପଞ୍ଚାୟତ ଅମଲିଖମନ ହାଇସ୍କୁଲ ଏହି ଉଭୟ ସ୍କୁଲ ଉପାନ୍ତ ଅଞ୍ଚଳରେ ଥିଲେ ସୁଦ୍ଧା ଜାତୀୟସ୍ତରରେ ଉଭୟ ସ୍କୁଲର ରହିଛି ଏକ ଭିନ୍ନ ପରିଚୟ । ଏହି ଦୁଇ ସ୍କୁଲର ଛାତ୍ରଛାତ୍ରୀ ଜାତୀୟ ହକି ଦଳରେ ଖେଳି ନିଜର ଯୋଗ୍ୟତା ସାବ୍ୟସ୍ତ କରିଛନ୍ତି । ଭିତ୍ତିଭୂମିର ଅଭାବ କେବେ ଏହି ପିଲାଙ୍କ ଆତ୍ମବଳକୁ ଦବାଇ ପାରିନାହିଁ । ସାଧାରଣ ଖେଳପଡ଼ିଆରେ ଅଭ୍ୟାସ କରି ମଧ୍ୟ କେବେ ଜିଲ୍ଲାକୁ ନିରାଶ କରିନାହାନ୍ତି । ପ୍ରତିବର୍ଷ ଓଡ଼ିଶା ଦଳରେ ଉଭୟ ସ୍କୁଲର ଯୋଗଦାନ ଏକ ପ୍ରକାର ନିଶ୍ଚିତ । ପଡ଼ୋଶୀ ସୁନ୍ଦରଗଡ଼ ଜିଲ୍ଲା ଭଳି ଏହି ପିଲାଙ୍କ ପାଖରେ ପ୍ରଶିକ୍ଷଣ ନାହିଁ, କିନ୍ତୁ ଦକ୍ଷତା କିଛି କମ୍‌ ନାହିଁ।

## କହ୍ନାଇ ସିଂ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ




**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଠାରେ କହ୍ନାଇ ସିଂ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଏହି ଖେଳ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଉପେନ୍ଦ୍ର ଗଣ୍ଡ ବ୍ଲକ ଅଧକ୍ଷା ନବୀନା ନାୟକ,ଏକ୍ସ ଏମ ଏଲ ଏ ସୁବାଷ ଗଣ୍ଡ, ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ,ଚିତ୍ତରଞ୍ଜନ ଗଣ୍ଡ ,ରାଇସିଙ୍ଗ ଗଣ୍ଡ,ହଳଦୀ ସରପଞ୍ଚ ଅମ୍ବିକା ଗଣ୍ଡ ,ସମିତି ସଭ୍ୟ ଶସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କ୍ରିକେଟ ଖେଳ ୧୨ଦିନ ଧରି ଚାଲିଥିବା ବେଳେ ଫାଇନାଲ ମ୍ୟାଚରେ ହଳଦୀ ଜେ ଏମ ଏମ ସି ସି ଏବଂ ଝରୀଗାଁ ବ୍ଲକ କଡ଼ାବେଡ଼ା ମଧ୍ୟରେ ହୋଇଥିଲା। କଡ଼ାବେଡ଼ାକୁ ହରାଇ ହଳଦୀ ବିଜୟ ଲାଭ କରି ବିଜୟ ହୋଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ସୁନ୍ଦର ଗଣ୍ଡ ଏବଂ ମ୍ୟାନ ଅଫ ଦି ସିରିଜ ମାନସିଂ ଗଣ୍ଡ ହୋଇଥିଲେ । ବିଜୟୀ ଦଳ କୁ ୨୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ରନର ଦଳ କୁ ୧୬ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି ଟୁର୍ଣ୍ଣାମେଣ୍ଟ ରେ ଅମ୍ପାୟାର ଭାବେ ସମୀର ଓ ଦୀନବନ୍ଧୁ ସ୍କୋରର ଭାବେ ମୋତିରାମ ଏବଂ ଭାସ୍ୟକାର ଭାବେ ବେଣୁଧର ନିୟୋଜିତ ଥିଲେ ।ଏହି ଟୁର୍ଣ୍ଣାମେଣ୍ଟଟି ହଳଦୀ ଅଞ୍ଚଳ ର ବିଶିଷ୍ଟ ବ୍ୟକ୍ତି ତଥା ସମାଜ ସେବି ପର ଉପକାରୀ ବ୍ୟକ୍ତି କହ୍ନାଇ ସିଂ ଅଣ୍ଟିଙ୍କ ବିୟୋଗ ପରଠାରୁ ଆରମ୍ଭ ହୋଇଛି । ତାଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ ବୋଲି ଆୟୋଜକ ଶ୍ରୀ ଆଣ୍ଟିଙ୍କ ପୁଅ ବୀରେନ୍ଦ୍ର ଗଣ୍ଡ କହିଛନ୍ତି ।

### ସର୍ବ ଭାରତୀୟ ଲାଲମନୀ କ୍ରିକେଟ୍‌ର ଉଦଘାଟନୀ ଉତ୍ସବ

## ପ୍ରଥମ ଥର ଟର୍ଫ ପିଚ୍‌ ପାଇଁ ଭାଗ ନେବେ ଅନ୍ତର୍ଜାତୀୟସ୍ତରର ଖେଳାଳୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ମହାସମାରୋହରେ ପାଳନ ହେବ ସୋନପୁରର ସର୍ବ ଭାରତୀୟ ଲାଲମନି କ୍ରିକେଟ୍‌ର ଉଦ୍‌ଘାଟନି ଉତ୍ସବ ଓ ଲୋଗୋ ଉନ୍ମୋଚନ । କୋଭିଡ ମହାମାରୀ ପରେ ପୁଣି ନୂଆଁ ରୂପ ରଙ୍ଗରେ ଅନୁଷ୍ଠିତ ହେବାକୁ ଥିବା ବହୁ ପ୍ରତିକ୍ଷିତ ଲାଲମନି କ୍ରିକେଟ ଦେଖିବାକୁ କ୍ରିକେଟ୍‌ ପ୍ରେମୀ ଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଛି । ଏଥିପାଇଁ ସୋନପୁର ଗାନ୍ଧୀ ଷ୍ଟାଡିୟମ୍‌ ରେ ଅସଂଖ୍ୟ ଦର୍ଶକଙ୍କ ଭିଡ ଆଶଙ୍କା ଥିବାରୁ ଶାନ୍ତି ଶୃଙ୍ଖଳା ପାଇଁ ଜିଲ୍ଲା କ୍ରିକେଟ୍‌ ସଂଘ ପୋଲିସ୍‌ ପ୍ରଶାସନ ର ସହଯୋଗ ଲୋଡିଛି। ପ୍ରଥମ ଥର ପାଇଁ ଟର୍ଫ ପିଚ୍‌ରେ କ୍ରିକେଟ ମ୍ୟାଚ ଅୟୋଜନ ହେଉଥିବାରୁ ଜାତୀୟ ଅନ୍ତର୍ଜାତୀୟ ସ୍ତର ର ଖେଳାଳୀ ଭାଗ ନେବାକୁ ଆଗ୍ରହ କରିଥିବା ଜଣା ଯାଇଛି । ୨୧ରୁ ୨୮ ତାରଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିସିଏ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପଶ୍ଚିମବଙ୍ଗ, ନାଗପୁର, ଦିଲ୍ଲୀ ଭଳି ୯ଗୋଟି ଦଳ ଏହି ଟୁର୍ଣ୍ଣାମେଣ୍ଟ ରେ ସାମିଲ ହେବେ ବୋଲି ଏସ୍‌ଡିସିଏ ସଭାପତି ରାମଶଙ୍କର ସାହୁ କହିଛନ୍ତି। ବିଜୟୀ ଦଳକୁ ୮୦ ହଜାର ଟଙ୍କା ଏବଂ ରନର୍ସ ଅପ୍‌ ଦଳକୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ । ଜଣେ ଜାତୀୟ ସ୍ତରର ଖେଳାଳିଙ୍କ ସମେତ, ପ୍ରଶାସକ ଓ ବହୁ ଖ୍ୟାତନାମା ରାଜନେତା, କଳାକାର , ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂପାଦକ ପ୍ରଦୀପ ସେଠୀ ସୂଚନା ଦେଇଛନ୍ତି । କମିଟି ସଦସ୍ୟ ଓ ଖେଳାଳୀ ଙ୍କ ବିରାଟ ଶୋଭାଯାତ୍ରା ପରେ ଆଜି ସନ୍ଧ୍ୟା ରେ ହେବ ୩୫ତମ ଲାଲମନି କ୍ରିକେଟର ଉଦ୍‌ଘାଟନୀ ସମାରୋହ ଏବଂ ଲଗୋ ଉନ୍ମୋଚନ ବୋଲି ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDB-06/ 2023-24**

A-1269

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDB-06/ 2023-24 |
| 5. | Tender Value | : Rs. 35,30,782.00 |
| 6. | Period of Completion | : Two calendar months. |
| 7. | Date & time of availability of bid documents in the Portal | : From dt.23.01.2024 (10.00 AM) to dt.01.02.2024 (5.30 PM) |
| 8. | Last date/ time for receipt of bid In the Portal | : dt.01.02.2024 (up to 5.30 PM) |
| 9. | Date and Place of opening of Technical Bid | : dt.02.02.2024 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda / Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR : 32520/11/0015/2324

GOVT. OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
DRAINAGE CIRCLE, UNIT-8
BHUBANESWAR-751012
***
E-PROCUREMENT NOTICE NO. ACEDC-BBSR-07/2023-24
email Id :- sedrainagebbsr12@gmail.com

A-1270

| | | | |
|---|---|---|---|
| 1. | Total number of Works | : | 2no. of works as mentioned below. |
| 2. | Name of Works | : | **1. Improvement to Drainage System of Batarada Nalla and its structures in Patrapur and Digapahandi Block of Ganjam District.** **2. Improvement to Kharakhari Nalla & Bilasapur link drain in Khalikote Block under DOAB-XVI in Ganjam District under DIP.** |
| 3. | Estimated Cost | : | 1.Rs. 3,20,56,468.00 2.Rs. 3,83,13,313.00 |
| 4. | Bid Identification No. | : | ACEDC-BBSR/DD-BAM-16/2023-24 ACEDC-BBSR/DD-BAM-17/2023-24 |
| 5. | Period of completion | : | 11(Eleven) Calendar months. |
| 6. | Class of Contractor. | : | 'A' Class (Odisha PWD or relevant class of other licensing Authority). |
| 7. | Date and time of availability of Bid Document in the portal. | : | 25.01.2024, 11.00 Hours to 08.02.2024, 17.00 Hours. |
| 8. | Date of Opening of Technical Bid. | : | 09.02.2024 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Date and time of receipt of Bids in the portal. | | 25.01.2024, 11.00 Hours to 08.02.2024, 17.00 Hours. |
| 10. | Last date and time of receipt of Bids in the portal. | | 08.02.2024, 17.00 Hours. |
| 11. | Date of opening of financial Bid. | | To be uploaded in Portal after evaluation of technical bids. |
| 12. | Date of Lottery (If required) | | To be intimated to the responsive bidders through their Registered E-Mail IDs. |
| 13. | Bid Security | : | 1.Rs.3,20,565.00 2.Rs.3,83,133.00 |
| 14. | Cost of Tender paper | : | Rs.10,000/- |
| 15. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. web site. www.tendersorissa.gov.in.

**Additional Chief Engineer**
**Drainage Circle, Bhubaneswar**

OIPR : 32375/11/0008/2324

*GOVERNMENT OF ODISHA*
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
HEAD WORKS DIVISION, SAMAL
INVITATION FOR BIDS (IFB)
Email ID- ee.hwd.samal@gmail.com
'e'-Procurement Notice No. SE HWD- 12/2023-24

A-1272

The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single/ double cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | | |
|---|---|---|---|---|
| 1 | Name of the work | : | Sl. No. 1 | Repair and maintenance of Samal Barrage carriageway and its adjacent area. |
| | | | Sl. No. 2 | Improvement to left bank canal from RD 0.75Km to 6.00Km. |
| | | | Sl. No. 3 | Renovation of Govt. quarter No. CR-3, D-15/1, D-4/1, D-3/3, D-1/1 and E-5/14 at SBTS. |
| | | | Sl. No. 4 | Renovation of Govt. quarter No. CR-3, D-15/1, D-4/1, D-3/3, D-1/1 and E-5/14 at SBTS. |
| 3 | Estimated Cost | : | Approximately 6.26 lakh to 54.48 lakh | |
| 4 | Cost of tender paper | : | Rs.4000.00 & Rs.10000.00 (Non-refundable) | |
| 5 | EMD/ Bid Security | : | Rs. 6300.00 to Rs.54,500.00 (Refundable) | |
| 6 | Class of contractor | : | 'D' and 'C', 'C' and 'B' and 'B' Class | |
| 7 | Period of Completion of work | : | 60 days to 150days | |
| 8 | Date and time of availability of bid Document in the website | : | For Sl. No. 1 | From 11.00 A.M of Dt. 22.01.2024 to 5.00 P.M. of Dt.05.02.2024 in the website (www.tendersodisha.gov.in) |
| | | | For Sl. No. 2 to 4 | From 11.00 A.M of Dt. 22.01.2024 to 5.00 P.M. of Dt.31.01.2024 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.06.02.2024 at 11.30 A.M (Cover I) for Sl. No. 1 and Dt. 01.02.2024 at 11.30 AM for Sl. No. 2 to 4 in O/o the Superintending Engineer, Head Works Division, Samal | |
| | Date, time and place of opening of financial cover for Sl. No. 1 | : | Dt. 07.02.2024 at 11.30 AM (Cover II) in O/o the Superintending Engineer, Head Works Division, Samal | |
| 10 | Date, time and place for finalization of tender through Transparent Lottery System (if required) | : | Dt.12.02.2023 at 3.00 PM onwards for Sl. No. 1 and Dt.05.02.2024 at 3.00 PM onwards for Sl. No. 2 to 4 in O/o the Superintending Engineer, Head Works Division, Samal **(If the Lottery date happens to be holiday or declared holiday, it will be done in the next working day)** | |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III | |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- ee.hwd.samal@gmail.com | |

**The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.**

**Superintending Engineer**
**Head Works Division, Samal**

OIPR : 32020/11/0011/2324

**WATCO**
**OFFICE OF THE GENERAL MANAGER,**
**WATCO DIVISION-I, VANIVIHAR SQUARE,**
**BHUBANESWAR, ODISHA, PIN-751022**
**Phone / FAX: - 0674-2542821 / e-Mail: gmdivonewatco@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-I/115/ 2023-24 Dt.16.01.2024**
**No. 355 Date 16.01.2024**

C-2390

| | | |
|---|---|---|
| 01 | Name of the work | : 1) Supply, Installation, testing and commissioning of the 82.5KVA DG Set and synchronization panel at pumping stations under WATCO Sub Division-Chandrasekharpur, Bhubaneswar for Implementation of 24X7 water supply. 2) Supply, Installation, testing and commissioning of the 82.5KVA DG Set and synchronization panel at pumping stations :-1-Gyatreevihar , 2) Saileshreevihar Ph-7. at pumping stations under WATCO Sub Division-Chandrasekharpur, Bhubaneswar for Implementation of 24X7 water supply. |
| 02 | Estimate cost | : 1) Rs.**79.00** lakh & 2) Rs.**31.60** lakh |
| 03 | Period of completion | : 1) 2(TWO ) Months & 2) 2(TWO ) Months |
| 04 | Date & Time of availability of bid document In the portal | : From 11.00 AM of Dt.22.01.2024 to 5.00 PM of 08.02.2024 |
| 05 | Last date / time of receipt of bids in the portal | : 5.00 PM of 08.02.2024 |
| 06 | Date & Time of opening of bids | : At 12.30 PM of 09.02.2024 |
| 07 | Name and Address of the Officer Inviting Bid | : General Manager WATCO Division-I, BBSR |

**Name & Address of Officer Inviting Bid:** **The General Manager, WATCO Division-I, BBSR, Odisha,**
Further details can be seen from the e-Procurement portal "https://www.tendersodisha.gov.in"

**GENERAL MANAGER,**
**WATCO Division-1, BBSR**

OIPR : 13083/11/0027/2324

ଭୁବନେଶ୍ୱର
୨୧ ଜାନୁଆରୀ
ରବିବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24





ଭୁବନେଶ୍ୱର : ନବୀନ ନିବାସଠାରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି।

(ଫଟୋ : ସମ୍ବାଦ କଳିକା)

# ଯେତେ ଚେଷ୍ଟା କଲେ ବି କେନ୍ଦ୍ରମନ୍ତ୍ରୀ ସଫଳ ହେବେନି: ବିଜେଡ଼ି

**ଭୁବନେଶ୍ୱର, ୨୦/୧ ନ୍ୟୁଜ ବ୍ୟୁରୋ**

ମହିଳା ସଶକ୍ତିକରଣକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡିର ଟାର୍ଗେଟ । ମହିଳାଙ୍କ ଉନ୍ନତି ପାଇଁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଭୂମିକା ଓ ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରିଛନ୍ତି ବିଜେଡିର ଦୁଇ ବରିଷ୍ଠ ନେତା ଅମର ଶତପଥୀ ଏବଂ ଶଶିଭୂଷଣ ବେହେରା । ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, 'ମହିଳା ସଶକ୍ତୀକରଣ ଆରମ୍ଭ କରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ୨ ହଜାର ମସିହା ପରେ ମହିଳାଙ୍କୁ ରାଜନୈତିକ କ୍ଷେତ୍ରକୁ ଅଣାଯିବା ସହିତ ସେମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ମିଶନ ଶକ୍ତି ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଛି । ଏବେ କେନ୍ଦ୍ରମନ୍ତ୍ରୀମାନେ ମାଇଲେଜ୍ ନେବା ପାଇଁ ଚେଷ୍ଟା କରୁଛନ୍ତି । ସେଥିରେ ସେମାନେ ସଫଳ ହେବେ ନାହିଁ। ସେହିପରି ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, 'ମହିଳାଙ୍କୁ ସଶକ୍ତ କରିବା ପାଇଁ ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନିଆଯାଉଛି । ମହିଳାଙ୍କୁ ଆତ୍ମନିର୍ଭର କରିବା ସହ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବେଶ୍ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ । ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ସେଥିପାଇଁ ବାରମ୍ବାର ଆଶୀର୍ବାଦ କରୁଛନ୍ତି ଓ ଜିତାଉଛନ୍ତି।



# ଏଣିକି ବୋର୍ଡ କର୍ତ୍ତୃପକ୍ଷଙ୍କ ନଜରରେ ରହିବେ ମାଟ୍ରିକ୍ ସ୍କ୍ୱାର୍ଡ

**କଟକ, ୨୦/୦୧ ନ୍ୟୁଜ ବ୍ୟୁରୋ**

ମାଟ୍ରିକ୍ ପରୀକ୍ଷା କେନ୍ଦ୍ରଗୁଡ଼ିକ ବୋର୍ଡର ନଜରରେ ରହିବ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଯାଞ୍ଚ କରିବା ଲାଗି ନିୟୋଜିତ ସ୍କ୍ୱାର୍ଡ ମଧ୍ୟ ଏଣିକି ବୋର୍ଡ କର୍ତ୍ତୃପକ୍ଷଙ୍କ ନଜରରେ ରହିବେ । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍ ଏବଂ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା ପରି ଏଥର ଗତିବିଧି ଉପରେ ନଜରରେ ରଖିବା ଲାଗି ସେମାନଙ୍କୁ ଗ୍ଲୋବାଲ୍ ପୋଜିସନିଙ୍ଗ ସିଷ୍ଟମ (ଜିପିଏସ୍)ରେ ଯୋଡ଼ା ଯିବ ବୋଲି ସୂଚନା ମିଳିଛି। ଜିପିଏସ୍ ଟ୍ରାକିଂ ଲାଗି ବୋର୍ଡ ପକ୍ଷରୁ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯିବ । ଟେଣ୍ଡର ମାଧ୍ୟମରେ ଉକ୍ତ ସଂସ୍ଥାକୁ ଜିପିଏସ୍ ଟ୍ରାକିଂ ପାଇଁ ନିୟୋଜିତ କରାଯିବ । ଏ ବାବଦରେ ବୋର୍ଡର ବହୁ ଅର୍ଥ ଖର୍ଚ୍ଚ ହେଲେ ମଧ୍ୟ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଲାଗି କର୍ତ୍ତୃପକ୍ଷ ଜିପିଏସ୍ ଟ୍ରାକିଂ ସହ ପ୍ରତି ସେଣ୍ଟରରେ କ୍ୟାମେରା ଖଞ୍ଜିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଜିପିଏସ୍ ବ୍ୟବସ୍ଥା ଲାଗି ବୋର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବହାର କରାଯିବ । ଉକ୍ତ ସଫ୍ଟୱେର ସ୍କ୍ୱାର୍ଡର ନିୟୋଜିତ କର୍ମଚାରୀଙ୍କ ମୋବାଇଲ୍ ସହ ଯୋଡ଼ାଯିବ । ସ୍କ୍ୱାର୍ଡରେ ନିୟୋଜିତ କର୍ମଚାରୀମାନେ ଉକ୍ତି ଆପକୁ ଡାଉନଲୋଡ୍ କରିବା ପରେ ଜିପିଏସ୍ ବ୍ୟବସ୍ଥା ସହ ଅଟୋମେଟିକ୍ ଯୋଡ଼ି ହୋଇଯିବା ଭଳି ବ୍ୟବସ୍ଥା ରହିଛି । ଏହି ବୈଷୟିକ ବ୍ୟବସ୍ଥା ଦ୍ୱାରା ସ୍କ୍ୱାର୍ଡର ଗତିବିଧିକୁ ଜାଣି ହେବା ସହ ନିୟୋଜିତ କର୍ମଚାରୀମାନେ କେଉଁ ସେଣ୍ଟରରେ କେତେବେଳେ ପହଞ୍ଚି କେତେ ସମୟ ଉପସ୍ଥିତ ରହୁଛନ୍ତି ସେ ସବୁର ଟିକିନିଖି ତଥ୍ୟ ବୋର୍ଡ କର୍ତ୍ତୃପକ୍ଷ କଟକରେ ରହି ମଧ୍ୟ କ୍ୟାମେରା ଲେନ୍ସରେ ରାଜ୍ୟବ୍ୟାପୀ ପରୀକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିପାରିବେ । ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିପାରିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ସ୍କ୍ୱାର୍ଡ ପରି ପ୍ରଶ୍ନପତ୍ର ପରିବହନ ବ୍ୟବସ୍ଥା ମଧ୍ୟ ଜିପିଏସ୍ ଟ୍ରାକିଂରେ ରହିବ । ଫଳରେ ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ନେଇ ବାହାରୁଥିବା ଗାଡ଼ିଗୁଡ଼ିକ କେତେବେଳେ କେଉଁ ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ପ୍ରଶ୍ନପତ୍ର ଜମା କଲେ ତାହା ମଧ୍ୟ ସହଜରେ ଜଣାପଡ଼ିଯିବ ବୋଲି ସୂଚନା ମିଳିଛି । ଜିପିଏସ୍ ଟ୍ରାକିଂ ବ୍ୟବସ୍ଥାରେ ରହିବା ଦ୍ୱାରା କପି ଏବଂ ପ୍ରଶ୍ନପତ୍ର ପ୍ରଘଟ ଆଦି ଅନେକ ଅନିୟମିତତାକୁ ସହଜରେ ରୋକା ଯାଇପାରିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ସୂଚନାଯୋଗ୍ୟ, ଏବର୍ଷ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଲାଗି ୫ ଲକ୍ଷ ୫୧ ହଜାର ୫୮୯ ଜଣ ପରୀକ୍ଷାର୍ଥୀ ଆବେଦନ କରିଛନ୍ତି । ସେହିପରି ଷ୍ଟେଟ୍ ଓପନ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୭ ହଜାର ୮୩୧ ଏବଂ ସଂସ୍କୃତ ମଧ୍ୟମା ପାଇଁ ୩ ହଜାର ୩୭ ପରୀକ୍ଷାର୍ଥୀ ରହିଛନ୍ତି । ଉକ୍ତ ପରୀକ୍ଷା ଲାଗି ରାଜ୍ୟରେ ୩ ହଜାର ୧୫୩ ସେଣ୍ଟର୍ ଚୟନ କରାଯାଇଛି । ପ୍ରଶ୍ନପତ୍ର ଗଚ୍ଛିତ ରଖିବା ଲାଗି ୩୧୩ଟି ନୋଡାଲ୍ ସେଣ୍ଟର୍ ରଖାଯାଇଛି। ଫେବ୍ରୁଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ଲାଗି ଏଥର ବୋର୍ଡ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ମଧ୍ୟ ଲଗାଯିବ । ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଲାଇଭ୍ ଭିଡିଓ ତଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍ ବେସଡ୍ ୱେବ୍ କାଷ୍ଟିଂ କରାଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇଛନ୍ତି ।







## ଚିଲିକାରେ ଆରମ୍ଭ ହେଲା ଇରାୱାଡ଼ି ଡ଼ଲ୍‌ଫିନ ଗଣନା

**ଚିଲିକା, ୨୦/୧ ନ୍ୟୁଜ ବ୍ୟୁରୋ**

ଚିଲିକାରେ ଆରମ୍ଭ ହେଲା ଇରାୱାଡ଼ି ଡ଼ଲଫିନ ଗଣତି । ମୋଟ ୧୮ଟି ଟିମ୍ ଚିଲିକାର ୪ଟି ଅଞ୍ଚଳକୁ ଯାଇ ଡ଼ଲଫିନ ଗଣତି କରୁଛନ୍ତି । ସେଣ୍ଟ୍ରାଲ ସେକ୍ଟରରେ ୬ଟି ଟିମ୍, ସାଉଥର୍ନ ସେକ୍ଟରରେ ୪ଟି ଟିମ୍, ନର୍ଦନ ସେକ୍ଟରରେ ୧ଟି ଟିମ୍, ଆଉଟର ଚ୍ୟାନେଲରେ ୭ଟି ଟିମ୍ ଗଣତି ଆରମ୍ଭ କରିଛନ୍ତି । ପ୍ରତ୍ୟେକ ଟିମ୍‌ରେ ୮ ରୁ ୧୦ ଜଣ ସଦସ୍ୟ ରହିଛନ୍ତି । ପ୍ରତ୍ୟେକ ଟିମ୍‌ରେ ବନବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ, ଓୟୁଏଟି ଛାତ୍ରଛାତ୍ରୀ, ମୋଟରବୋଟ କର୍ମଚାରୀ, ସୋସିଆଲ ୱାର୍କର ଓ ଗଣମାଧ୍ୟମ ପ୍ରତିନିଧି ରହିଛନ୍ତି । ବାଇନାକୁଲର, ଜିପିଏସ ଓ କ୍ୟାମେରା ବ୍ୟବହାର କରାଯାଇ ଗଣନା ଚାଲିଛି । ଭୋର ୬ଟାରୁ ଗଣନା ଆରମ୍ଭ ହୋଇଥିବାବେଳେ ଦିନ ୧୨ଟା ପର୍ଯ୍ୟନ୍ତ ଗଣତି ଚାଲିବ । ଡ଼ଲ୍‌ଫିନ ଗଣତି ପାଇଁ ଚିଲିକାରେ ଭସାପୋଲ, ଘାଟଡ଼ଙ୍ଗା ଓ ଟ୍ୟୁରିଷ୍ଟ ଡ଼ଙ୍ଗା ଚଳାଚଳ ବନ୍ଦ ରହିଛି ।

## କନିଷ୍ଠ ଶିକ୍ଷକ ନିଯୁକ୍ତିରେ ହାଇକୋର୍ଟଙ୍କ ଅଙ୍କୁଶ

**କଟକ, ୨୦/୦୧ ନ୍ୟୁଜ ବ୍ୟୁରୋ**



ହାଇକୋର୍ଟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ହାଇକୋର୍ଟ ରୋକ ଲଗାଇଛନ୍ତି । କନିଷ୍ଠ ଶିକ୍ଷକ ହୋଇଥିବା ଦୁର୍ନୀତିକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଯାହାର ଶୁଣାଣି କରି ହାଇକୋର୍ଟ ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଦେଇଛନ୍ତି। ଧାର୍ଯ୍ୟ ତାରିଖରେ ଡକ୍ୟୁମେଣ୍ଟ ଭେରିଫିକେସନ୍ କରାଯାଇପାରିବ। ଶିକ୍ଷକ ନିଯୁକ୍ତିରେ ହୋଇଥିବା ବ୍ୟାପକ ଅନିୟମିତତାକୁ ନେଇ ହାଇକୋର୍ଟରେ ଏକ ପିଟିସନ ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ନିଯୁକ୍ତି ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ ତାରିଖରେ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଓଡ଼ିଶା କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ପ୍ରକାଶ ପାଇଥିବା ମେରିଟ୍ ଲିଷ୍ଟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ଆଶାୟୀ । ଗୁରୁବାର ଓସେପା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମଜିରେ ଆଶାୟୀମାନେ ଧାରଣା ଦେଇଥିଲେ। ମେରିଟ୍ ଲିଷ୍ଟ ପ୍ରକାଶ ପୂର୍ବରୁ କଟ୍‌ଅଫ୍ ତାଲିକା ପ୍ରକାଶ କରାଯାଇନଥିବାରୁ କେଉଁ ପ୍ରାର୍ଥୀ କେତେ ମାର୍କ ରଖିଛନ୍ତି, କଟ୍‌ଅଫ୍ ମାର୍କ କେତେ ରଖାଯାଇଛି , ତାହା ସାମ୍ନାକୁ ଅଣାଯାଉ ବୋଲି ଦାବି ହୋଇଛି।



ଭୁବନେଶ୍ୱର : ବିଏମ୍‌ସି ପକ୍ଷରୁ ଆଚାର୍ଯ୍ୟବିହାର ଛକର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ଆଇଆରସି ଭିଲେଜ ନିକଟସ୍ଥ ରିଜିଓନାଲ ପ୍ଲାଣ୍ଟରିସର୍ଚ୍ଚ ସେଣ୍ଟର ସମ୍ମୁଖ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। (ଫଟୋ : ସମ୍ବାଦ କଳିକା)

## ଡ. ଅଚ୍ୟୁତ ସାମନ୍ତଙ୍କ ଜନ୍ମଦିନରେ ରକ୍ତଦାନ




**ଭୁବନେଶ୍ୱର, ୨୦/୧ ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଜନ୍ମଦିନ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ରକ୍ତଦାନ, ଜାତୀୟ ଯୁବ ପ୍ରକଳ୍ପ, ପିପୁଲ୍ସ ଫୋରମ, ମାଇଁ ନେଷ୍ଟ ଏବଂ ଓଡ଼ିଶା ପ୍ରାଇଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ରାଜଧାନୀ ଡ଼ାକ୍ତରଖାନା ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ଓଡ଼ିଶା ପର୍ଯ୍ୟଟନ ବିଭାଗର ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ଯୋଗଦେଇ ରକ୍ତଦାନ ସମ୍ପର୍କରେ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ, ଅଧ୍ୟାପକ ରଘୁନାଥ ମଣ୍ଡଳ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ, ନିଶିକାନ୍ତ ତାରେଣିଆ, ପ୍ରଜକ୍ତା ଦାସ, ସରୋଜ ମାଝୀ, ନୀଳକଣ୍ଠ ଦାସ ଏବଂ ହରପ୍ରସାଦ ମହାପାତ୍ର ଶିବିର ପରିଚାଳନା କରିଥିଲେ। ଶିବିରରେ ବହୁ ସଂଖ୍ୟାରେ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.–୪୬୪, ଶହୀଦନଗର, ଭୁବନେଶ୍ୱର–୭୫୧୦୦୭
ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




# ଏଣିକି ରାତିରେ ବୁଲି ହେବ ଚନ୍ଦକା ଅଭୟାରଣ୍ୟ



**ଭୁବନେଶ୍ୱର, ୨୦/୧ ନ୍ୟୁଜ ବ୍ୟୁରୋ**

ଏଥର ରାତିରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ବୁଲିପାରିବେ ପର୍ଯ୍ୟଟକ। ଜଙ୍ଗଲ ସଫାରି ଗାଡ଼ିରେ ବସି ହରିଣ, ବାର୍‌ହା, ଝିଙ୍କ, ବିଲୁଆ, ଗଧିଆ, ହାତୀ ପରି ଜନ୍ତୁ ଦେଖିବା ସହ ସେମାନଙ୍କ ରାତିର ଜୀବନ ସମ୍ପର୍କରେ ଜାଣିପାରିବେ। ପର୍ଯ୍ୟଟକଙ୍କ ସହ ଗବେଷକ, ଛାତ୍ରଛାତ୍ରୀ, ଓ ପ୍ରକୃତିପ୍ରେମୀଙ୍କ ପାଇଁ ଏହା ବେଶ୍ ସହାୟକ ହେବ। ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ଏହି ସୁବିଧା ଉପଲବ୍ଧ କରାଇବାକୁ ବନ ବିଭାଗ ନିଷ୍ପତ୍ତି ନେଇଛି। ଆସନ୍ତା ୨୯ ତାରିଖଠାରୁ ପରୀକ୍ଷାମୂଳକ ଭାବେ ଏହାକୁ ଲାଗୁ କରାଯିବ। ଯଦି ସଫଳତା ମିଳିବ ତାହା ହେଲେ ଏହାକୁ ନିୟମିତ କରିବାକୁ ଯୋଜନା ହୋଇଛି। ଅଭୟାରଣ୍ୟର ଭରତପୁର, ଗୋଡ଼ିବାରି, ଡେରାସ, ଡମପଡ଼ାରେ ଏବେ ଦିନ ସମୟରେ ଜଙ୍ଗଲ ସଫାରି ସୁବିଧା ଉପଲବ୍ଧ ରହିଛି। ଏବେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ୩୦ ମଧ୍ୟରେ ୩ଟି ସିଫ୍ଟ ଓ ଅପରାହ୍ଣ ୩ଟାରୁ ୫ଟା ୧୫ ମଧ୍ୟରେ ଦୁଇଟି ସିଫ୍ଟରେ ପର୍ଯ୍ୟଟକମାନେ ଏହି ସୁବିଧା ପାଉଛନ୍ତି। ପ୍ରତିଦିନ ହାରାହାରି ୨୦୦ ଲୋକ ଜଙ୍ଗଲ ବୁଲିବା ସହ ପ୍ରାକୃତିକ ପରିବେଶର ମଜା ନେଉଛନ୍ତି। ପର୍ଯ୍ୟଟକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରାତ୍ରିକାଳୀନ ପ୍ରକୃତି ଭ୍ରମଣ (ନାଇଟ୍ ନ୍ୟାଚୁରାଲ ଟ୍ରେଲ୍) ଆରମ୍ଭ ହେବ। ଯେଉଁମାନେ ଦିନ ସମୟରେ ବୁଲିବାକୁ ଯାଇପାରୁ ନାହାନ୍ତି ସେମାନେ ସନ୍ଧ୍ୟା ସମୟରେ ଅଭୟାରଣ୍ୟ ବୁଲିବାର ସୁଯୋଗ ପାଇବେ। ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଟିକେଟ୍ ବୁକିଂ କରି ଭିତରକୁ ଯାଇପାରିବେ। ୮ଟା ପରେ ଆଉ ଟିକେଟ୍ ସୁବିଧା ଉପଲବ୍ଧ ହେବ ନାହିଁ। ରାତି ସାଢ଼େ ୯ଟା ସୁଦ୍ଧା ଜଙ୍ଗଲ ଭିତରକୁ ଯାଇଥିବା ସମସ୍ତ ପର୍ଯ୍ୟଟକ ବାହାରକୁ ଆସିବେ। ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କ କହିବାନୁଯାୟୀ ଅଭୟାରଣ୍ୟର ଭରତପୁର ଓ ଗୋଡ଼ିବାରି ଫାଟକ ନିକଟରୁ ପ୍ରତିଦିନ ସକାଳେ, ଅପରାହ୍ଣରେ ଏକାଧିକ ସଫାରି ଗାଡ଼ି ଜଙ୍ଗଲ ଭିତରକୁ ଯାଉଛି। ପର୍ଯ୍ୟଟକମାନେ ଅନ୍‌ଲାଇନ୍‌ରେ ଟିକେଟ୍ ବୁକିଂ କରି ପ୍ରାକୃତିକ ପରିବେଶର ମଜା ନେଉଛନ୍ତି। ଏଣିକି 'ନାଇଟ୍ ନ୍ୟାଚୁରାଲ ଟ୍ରେଲ୍' ଭରତପୁର ପାର୍ଶ୍ୱରୁ ସନ୍ଧ୍ୟାରେ ପ୍ରତି ୧ ଘଣ୍ଟା ବ୍ୟବଧାନରେ ଦୁଇଟି ଲେଖାଏ ଗାଡ଼ି ବାହାରିବ। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଧିକ ପ୍ରାଥମିକତା ଦିଆଯିବ। ଚନ୍ଦକା ଅଭୟାରଣ୍ୟ ଡିଏଫ୍‌ଓ ଶରତ କୁମାର ବେହେରାଙ୍କ କହିବାନୁଯାୟୀ ଭରତପୁର ଜଙ୍ଗଲରେ ହିଁ କେବଳ ଏହି ସୁବିଧା ଉପଲବ୍ଧ ହେବ। ଏଠାରେ ଦୁଇ ପ୍ରକାର ଗାଡ଼ି ରହିବ। ୮ ସିଟ୍ ବିଶିଷ୍ଟ ଗାଡ଼ି ପାଇଁ ପର୍ଯ୍ୟଟକଙ୍କୁ ୧୫୦୦ ଓ ୧୨ ସିଟ୍ ବିଶିଷ୍ଟ ଗାଡ଼ିପାଇଁ ୨ ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ଗାଡ଼ି ଭରତପୁର ଜଙ୍ଗଲ ପାଚେରୀ କଡ଼େ କଡ଼େ ଯିବ। ଜଙ୍ଗଲର କୋର ଅଞ୍ଚଳକୁ ପର୍ଯ୍ୟଟକଙ୍କୁ ନିଆଯିବ ନାହିଁ।

# ୨୨ରୁ ପୁରୀକୁ ଆସିବେ ସବୁ ନିର୍ବାଚନମଣ୍ଡଳୀରୁ ଭକ୍ତ

**ପୁରୀ, ୨୦/୧ ନ୍ୟୁଜ ବ୍ୟୁରୋ**

ଲୋକାର୍ପିତ ହୋଇଯାଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭକ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ। ଏ ଭିତରେ ଲୋକାର୍ପିତ ଏହି ପ୍ରକଳ୍ପ ଦେଖିବାକୁ ଭକ୍ତଙ୍କ ମହଲରେ ଉତ୍କଣ୍ଠା ବଢ଼ିଛି। ଏହି ଉତ୍କଣ୍ଠାକୁ ପୂରଣ ସହ ଜନମାନସରେ ଆଧ୍ୟାତ୍ମିକ ଜାଗରଣ ପାଇଁ ୧୪୭ ନିର୍ବାଚନମଣ୍ଡଳୀରୁ ଭକ୍ତଙ୍କୁ ଆଣି ପ୍ରକଳ୍ପ ଦେଖାଇବାକୁ ଯୋଜନା କରିଛନ୍ତି ସରକାର। ଜାନୁଆରୀ ୨୨ ତାରିଖରୁ ପ୍ରତି ନିର୍ବାଚନମଣ୍ଡଳୀରୁ ୧୦ହଜାରରୁ ଅଧିକ ଲୋକ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବେ। ସାଙ୍ଗରେ ଆଣିଥିବା ଅକ୍ଷତ ଓ ଗୁଆ ସ୍ୱତନ୍ତ୍ର ସଂଗ୍ରହ ସ୍ଥାନରେ ପ୍ରଦାନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅକ୍ଷତ ଓ ଗୁଆ ସଂଗ୍ରହ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କ ନିକଟରେ ଶ୍ରୀଦାଣ୍ଡ କଡ଼ରେ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇଛି। ଯେଉଁଠି ଏକାଧିକ ବାଉଁଶର ବଡ଼ ବଡ଼ ବେତା ପ୍ରସ୍ତୁତ କରି ରଖାଯାଇଛି। ଏହି ଗୃହକୁ ସମ୍ପୂର୍ଣ୍ଣ ପାରମ୍ପରିକ ଭାବେ ସଜ୍ଜିତ କରାଯାଇଛି। ସୂଚନାଯୋଗ୍ୟ, ସଂଗୃହୀତ ଚାଉଳ ଓ ଗୁଆ ସୁଆର ମହାସୁଆର ନିଯୋଗ ଗ୍ରହଣ କରିବ। ନିଯୋଗ ଏଥିରେ ଖେଚେଡି ଅବା ଏକବର୍ଣ୍ଣ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବେ। କିଛି ଚାଉଳ ପିଠା ପ୍ରସ୍ତୁତି ଓ ମୁରୁଜ କାମରେ ବି ବ୍ୟବହାର ହେବ। କିନ୍ତୁ ପ୍ରଥମେ ଅରୁଆ ଓ ଉଷୁନା ଚାଉଳ ଦେଖି ଏହି ବ୍ୟବସ୍ଥା ହେବ ବୋଲି ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି। ସେପଟେ ଗୁଆ ଶ୍ରୀମନ୍ଦିର ହଡ଼ପ ନାୟକ ନିଯୋଗକୁ ପ୍ରଦାନ କରାଯିବ। ଏହା ମହାପ୍ରଭୁଙ୍କ ବିଡିଆ ପାନରେ ବ୍ୟବହାର କରାଯିବ ବୋଲି ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି।

## ଭିଜିଲାନ୍ସ ଜାଲରେ ଆର.ଆଇ ଓ ପ୍ରଧାନ ଶିକ୍ଷକ

**ଭଦ୍ରକ/ଭବାନିପାଟଣା, ୨୦/୧ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅଧିନ କେନ୍ଦୁଆପଦା ଆର.ଆଇ ଶରତ କୁମାର ଜେନା । ଜମିର କିସମ ପରିବର୍ତ୍ତନ ଲାଗି ଆବେଦନ କରିଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଶରତ ୯ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଆପଦା ରାଜସ୍ୱ ସର୍କଲ ଆର.ଆଇ ଶରତ ଜେନା ଅଣ୍ଡେଇପଲି ଖାନବାଡ଼ି ଅଞ୍ଚଳର ପ୍ରଶାନ୍ତ ଜେନାଙ୍କୁ ତାଙ୍କ ପୈତୃକ ଜମିର କିସମ ପରିବର୍ତ୍ତନ ଲାଗି ତଦନ୍ତ ରିପୋର୍ଟ ବାବଦକୁ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଶନିବାର ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଆର.ଆଇଙ୍କୁ ଭିଜିଲାନ୍ସ ଧରିବା ସହ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛି। ଏହି ଟ୍ରାପ ବେଳେ ଭିଜିଲାନ୍ସ ଏଏସପି ମହେଶ୍ୱର ସେଠି, ଡିଏସପି ଦୁଷ୍ମନ୍ତ ନାୟକ ଓ ଭଦ୍ରକ ୟୁନିଟ ଡିଏସପି ବଙ୍କିମ ବାୱାଲି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନ ଅଧମୁଣ୍ଡା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଗସ୍ତି ସାହୁ ଜଣେ ଠିକାଦାରଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏ ମାମଲାରେ ଅଧିକ ତଦନ୍ତ ଚଳାଇଛି ଭିଜିଲାନ୍ସ । ଅଗସ୍ତି ସାହୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଗୋଟିଏ ଜାଗାରେ ଚଢାଉ କରିଛି ଭିଜିଲାନ୍ସ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.–୪୬୪, ଶହୀଦନଗର, ଭୁବନେଶ୍ୱର–୭୫୧୦୦୭
ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com